

# କଟକ ସିଟି

## ବାର୍ ଡିଜେ ଅପରେଟର୍ ମୃତ୍ୟୁ ମାମଲା

# ଭୁବନେଶ୍ୱର ଡିସିପିଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

କଟକ, ୬ ।୨ (ସମିସ): ଭୁବନେଶ୍ୱରସ୍ଥିତ କଟକ ରୋଡ ଦୀପାଳି ବାର୍ ଡିଜେ ଅପରେଟର ରାଜେଶ ମଲ୍ଲିକଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି । ମୃତକଙ୍କ ପତ୍ନୀ ଶିବାନୀ ମଲ୍ଲିକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୩ ଅକ୍ଟୋବର୧୯ ରେ ରାଜେଶଙ୍କ ମୃତ୍ୟୁକୁ ପୁଲିସ ଏକ ସଡକ ଦୁର୍ଘଟଣା ବୋଲି ଦର୍ଶାଇଥିଲା । ତେବେ ରାଜେଶଙ୍କ ପତ୍ନୀ ପରେ ଅନୁସନ୍ଧାନ କରିବାରୁ ତାଙ୍କ ସନ୍ଦେହ ହୋଇଥିଲା । ଘଟଣା ଦିନ ବାରର ଜଣେ ବନ୍ଧୁଙ୍କୁ ଫୋନ କରି ରାଜେଶ କହିଥିଲେ ଯେ ଲିଙ୍ଗିପୁର ନିକଟରେ ୩ଜଣ ଯୁବକ ତାଙ୍କୁ ଅଟକାଇଛନ୍ତି । ଏ ସମ୍ପର୍କିତ ଅଡିଓ ରେକର୍ଡ ମଧ୍ୟ ରହିଥିଲା । ରାଜେଶଙ୍କ ମୃତ୍ୟୁ ବେଳେ ତାଙ୍କ ମୁଣ୍ଡର ପଛ ଭାଗ କେବଳ ଫାଟିଥିବା ମଧ୍ୟ ସ୍ପଷ୍ଟ ହୋଇଥିଲା । ଆବେଦନକାରୀ ତଥା ରାଜେଶଙ୍କ ପତ୍ନୀ ଏହି ଘଟଣାର ଅଧିକ ଅନୁସନ୍ଧାନ ପାଇଁ ବାରମ୍ବାର ଧଉଳି ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ କର୍ଣ୍ଣପାତ କରିନଥିଲା । ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାରେ ଭୁବନେଶ୍ୱର ଡିସିପି ଓ ଧଉଳି ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି । ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ୨୧କୁ ଧାର୍ଯ୍ୟ ହୋଇଛି ।

# ପୁଲିସ ପାଇଁ ଚ୍ୟାଲେଞ୍ଜ୍ ବ୍ରାଉନ୍ସୁଗର୍ କାରବାର

## ସହରରୁ ଧଳାଜହର କାରବାର ମୂଳପୋଛ କରିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍

## ପେଣ୍ଠସ୍ଥଳ ପାଲଟିଛି ମାଛୁଆବଜାର, କିଲ୍ଲାପଡ଼ିଆ, ନରାଜ ଓ ଜଗତପୁର

କଟକ, ୬ ।୨(ସମିସ):

କମିଶନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ୍ ହେଲାଣି ଧଳା ଜହର କାରବାର । ପୁଲିସର ଏକ ଅନୁଧ୍ୟାନ ରେକର୍ଡ ଆଧାରରେ ବର୍ଷକ ମଧ୍ୟରେ ସ୍ଥିତି ଗମ୍ଭିର ହେବାରେ ଲାଗିଛି । ପୁଲିସର ସ୍ପେଶାଲ୍ ସ୍କ୍ୱାଡ୍ ସୂଚନା ଦେଇଛି । ବିଶେଷ କରି କଟକ ସହରର ଗଳିକନ୍ଦିରେ ସହଜରେ ବ୍ରାଉନ୍ସୁଗର ଉପଲବ୍ଧ ହେଉଛି । ଯୁବବର୍ଗ ଏହି ନିଶା କବଳରେ ପଡ଼ି ଅନେକ ସମୟରେ ଅପରାଧ ଘଟାଉଛନ୍ତି । ସହରରେ ବ୍ରାଉନ୍ସୁଗର ଚାଲାଣର ସ୍ଥିତିକୁ ଦେଖି ଏହା ଭିତରେ ସହରର ବିଭିନ୍ନ ଅଞ୍ଚଳରେ ବ୍ରାଉନ୍ସୁଗାର କାରବାର ୬୦ପ୍ରତିଶତ ବୃଦ୍ଧି ପାଇଛି । ଆଫଗାନୀସ୍ଥାନରୁ ବ୍ରାଉନ୍ସୁଗର ଆସି ବାଙ୍ଗଲାଦେଶର ସୁନ୍ଦରବନରେ ପହଞ୍ଚୁଛି । ସେଠାରୁ ଆନ୍ତଃରାଜ୍ୟ ନିଶା ମାଫିଆମାନେ ଜଲେଶ୍ୱର ଓ ଗଞ୍ଜାମ ନିଶା ବେପାରୀଙ୍କୁ ଯୋଗାଣ କରୁଛନ୍ତି । ଜଳେଶ୍ୱର ଓ ଗଞ୍ଜାମରୁ ସିଧାସଳଖ ବ୍ରାଉନସୁଗର କଟକ ମଧ୍ୟକୁ ପ୍ରବେଶ କରୁଛି । କଟକରୁ ଉପକୂଳବର୍ତ୍ତୀ ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ ଭଳି ସହରକୁ ଚାଲାଣ କରାଯାଉଛି ବୋଲି କମିଶନରେଟ୍ ଏହାକୁ ରୋକିବାକୁ ନିମନ୍ତେ ଡିସିପି ଡଃ କନ୍ୱର୍ ବିଶାଲ୍ ସିଂ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛନ୍ତି । ପ୍ରତ୍ୟେକ ଦିନ ଓ ରାତି ଚଢ଼ଉ କରିବାକୁ ବିଭିନ୍ନ ଥାନା ଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଡିସିପି ଶ୍ରୀ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ସହରରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବାକୁ ହେଲେ ପ୍ରଥମେ ବ୍ରାଉନ୍ସୁଗର କାରବାରକୁ ରୋକିବାକୁ ହେବ । ଖୁବ୍ଶୀଘ୍ର କଟକ ସହରରୁ ବ୍ରଉନସୁଗର କାରବାରକୁ ରୋକାଯିବା ସହିତ ଏହି କାରବାରରେ ସମ୍ପୃକ୍ତ ଉଭୟ ନିଶା ମାଫିଆ ଓ ଖୁଚୁରା ବ୍ୟବସାୟୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି ।



ସହରର ମାଛୁଆବଜାର, କିଲାପଡ଼ିଆ, ନରାଜ ଓ ଜଗତପୁର ବ୍ରାଉନସୁଗର କାରବାରର ପେଣ୍ଠସ୍ଥଳୀ ପାଲଟିଛି । ଖୁଚୁରା ବ୍ୟବସାୟୀମାନେ ବ୍ରାଉନସୁଗରକୁ ସିଗାରେଟ୍‌ରେ ଭର୍ତ୍ତି କରି ବିକ୍ରୟ କରୁଛନ୍ତି । ବ୍ରାଉନ୍ସୁଗର ସିଗାରେଟ୍ ପାନ ଦୋକାନ ଗୁଡ଼ିକରେ ସହଜରେ ଉପଲବ୍ଧ ହେଉଛି । ହାତ ପାଆନ୍ତାରେ ଏହି ମାରାତ୍ମକ ନିଶା ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଯୁବକ ତଥା ଛାତ୍ରଗୋଷ୍ଠୀ ବ୍ରାଉନସୁଗର ଭଳି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ୨୦୨୨-୨୩ ଆର୍ଥିକ ବର୍ଷର ୪ମାସ ମଧ୍ୟରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କଟକରେ ଜିଲ୍ଲାରେ ୬୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିଶା ସାମଗ୍ରୀ ଜବତ କରାଯାଇଥିଲା । ଯାହା ଏହି କାରବାରର ସକ୍ରିୟତା ବୃଦ୍ଧିକୁ ଦର୍ଶାଉଛି । ୨୦୨୧-୨୨ ଆର୍ଥିକ ବର୍ଷର ଜୁଲାଇ ସୁଦ୍ଧା ଏନ୍ଡିପିଏସ୍ ଆକ୍ଟରେ ୧୭୪ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୧୬ ଜଣ ଗିରଫ ହୋଇଛନ୍ତି । ସେମାନଙ୍କ ନିକଟରୁ ୨୩।୮ ଗ୍ରାମ ବାଉନସୁଗାର ଜବତ ହୋଇଥିଲା । ଜବତ ନିଶା ସାମଗ୍ରୀର ମୂଲ୍ୟ ୧୮ କୋଟି ହେବ ବୋଲି ଆକଳନ କରାଯାଇଥିଲା ।

ଅନ୍ୟପକ୍ଷରେ ସହରର ବସ୍ତି ଅଞ୍ଚଳ ଏବେ ନିଶା ମାଫିଆଙ୍କ ଚରାଭୂଇଁ ପାଲଟିଲାଣି । ସେହିଠାରୁ ହିଁ ନିଶା ଚାଲାଣ ଏଜେଣ୍ଟମାନେ ଏହି କାରବାର ଚଳାଉଛନ୍ତି । ମର୍କତନଗର ଏବଂ ମହାନଦୀ ବିହାର ନିକଟସ୍ଥ ବସ୍ତି ଗୁଡ଼ିକରେ ଏହି କାରବାର ବଢ଼ିଚାଲିଛି । ଗତକାଲି ସିଆରଆର୍ଆଇ ଥାନା ଅନ୍ତର୍ଗତ ଗୌତମନଗରରେ ରହୁଥିବା ମଞ୍ଜୁ ନାଏକ(ଝାଡୁଦାର)ଙ୍କ ଠାରୁ ୫୨ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଯାହର ମୂଲ୍ୟ ୫ଲକ୍ଷ ୨୦ହଜାର ଟଙ୍କା ହେବା ବୋଲି ପୁଲିସ ଆକଳନ କରୁଛି । ବିଦ୍ୟାଧରପୁର ଅଞ୍ଚଳରେ ଜଣେ ଶିକ୍ଷିତ ଯୁବକ ବ୍ରାଉନ୍ସୁଗର ଖାଉଥିବା ନେଇ ପୁଲିସକୁ ଖବର ମିଳିଥିଲା । ପୁଲିସ ଉକ୍ତ ଯୁବକଙ୍କ ଉପରେ ନଜର ରଖି ଝାଡୁଦାର୍ ମଞ୍ଜୁ ନିକଟରେ ପହଞ୍ଚି ତାକୁ ଗିରଫ କରିଥିଲା । ଏହି ପରିପ୍ରେକ୍ଷୀରେ କମିଶନରେଟ୍ ପୁଲିସ ଏହି କାରବାରକୁ ରୋକିବା ପାଇଁ ଜୋରଦାର ଅଭିଯାନ ଆରମ୍ଭ କରିଥିବା ଜଣାପଡ଼ିଛି ।

# ୨୪ନଂ ୱାର୍ଡରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



କଟକ, ୬।୨ (ସମିସ): କଟକ ମହାନଗର ନିଗମ ଅନ୍ତର୍ଗତ ୨୪ନଂ ୱାର୍ଡ ହରିପୁର ଠାରେ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ବସ୍ତି ବାସିନ୍ଦାଙ୍କ ବିକାଶ, ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନତା ଶିବିର କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ମାନୀୟ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ମୋନାଲିସା ଦାସ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ଗ୍ରାମର ଅଧିକାରୀ ବାବୁ ପ୍ରଧାନ, ସି.ଓ ଶୁଭ୍ରା ପ୍ରିୟଦର୍ଶିନୀ ମିଶ୍ର, ଜାଗା ମିଶନ ଅଧିକାରୀ ପ୍ରୋଜେକ୍ଟ କୋର୍ଡିନେଟର ଲୋପାମୁଦ୍ରା ପଟ୍ଟନାୟକ, ରଞ୍ଜନ ମହାପାତ୍ର ଓ କାର୍ଯ୍ୟକାରୀ ମହନ୍ତ ଲିଙ୍ଗରାଜ ହାତୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଶତାଧିକ ମହିଳା, ପୁରୁଷ, ଯୁବକ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ନିଗମର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ । ପ୍ରତାପ ମୂଳିଆ ଧନ୍ୟବାଦ୍ ଦେଇଥିଲେ ।

# ରେଭେନ୍ସା କଲିଜିଏଟ୍ ସ୍କୁଲ ଛାତ୍ରଙ୍କ କୃତିତ୍ୱ



କଟକ, ୬।୨(ସମିସ): ରେଭେନ୍ସା କଲିଜିଏଟ ସ୍କୁଲର ନେତାଜୀ ଅଡିଟୋରିୟମରେ କୃତି ଛାତ୍ର ସିଦ୍ଧାନ୍ତ କୁମାର ସାହୁଙ୍କ କୃତିତ୍ୱ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଗତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତକାଲି ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରି ସିଦ୍ଧାନ୍ତ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସିଦ୍ଧାନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ତାଙ୍କ ଗାଇଡ ଶିକ୍ଷକ ଜଗନ୍ନାଥ ପଣ୍ଡା, ପ୍ରଣବ ବେହେରା ଓ ପ୍ରଧାନ ଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ଦିଲୀପ ଜେନା, ଡ. ପୁଷ୍ପାଞ୍ଜଳି ବେହେରା, ମଧୁସ୍ମିତା ମହାନ୍ତି, ସନ୍ତୋଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ସିବି ଆଟେଣ୍ଡାଣ୍ଟଙ୍କ ଦାଦାଗିରି

କଟକ, ୬।୨ (ସମିସ): ଏସ୍‌ସିବି ମେଡିକାଲରେ ଚୁକ୍ତି ଭିତ୍ତିରେ ଆଟେଣ୍ଡାଣ୍ଟ ନିଯୁକ୍ତି କରାଯାଇଛି । ଯେଉଁମାନେ ରୋଗୀଙ୍କୁ ସହଯୋଗ, ସହାୟତା ପ୍ରଦାନ କରିବେ । ରୋଗୀଟିଏ କିପରି କୌଣସି ସମସ୍ୟାରେ ନ ପଡ଼ିବ ସେ ଦିଗରେ କାର୍ଯ୍ୟ କରିବେ । କିନ୍ତୁ ମଙ୍ଗଳବାର ଏସ୍‌ସିବିରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । କଟକର ଜନୈକ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଛନ୍ତି ଜଣେ ଆଟେଣ୍ଡାଣ୍ଟ । ସର୍ଜରୀ ବିଭାଗ ଓପିଡିରେ ଏହି ଘଟଣା ଘଟିଛି । ସାମ୍ବାଦିକ ଜଣକ ଷ୍ଟିଚ ଖୋଲିବାକୁ ଯାଇଥିଲେ । ଟିକଟ କରି ଧାଡ଼ିରେ ଛିଡ଼ା ହୋଇଥିଲେ । ପାଳି ପଡ଼ିବା ବେଳକୁ ତାଙ୍କ ନାମ ଡକାଯାଇଥିଲା । ସାମାନ୍ୟ ବିଳମ୍ବରେ ସେ ଡାକ୍ତରଙ୍କ ପାଖକୁ ଯାଉଥିବା ବେଳେ ଆଟେଣ୍ଡାଣ୍ଟ ଜଣକ ତାଙ୍କୁ ଅଟକାଇବା ସହ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି । ତେବେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀ ଡାକ୍ତର ଅବିନାଶ ରାଉତ କହିଛନ୍ତି ।

# ଖପୁରିଆ-ନୂଆପଡ଼ା ରାସ୍ତା ବିପର୍ଯ୍ୟସ୍ତ



କଟକ, ୬ ।୨(ସମିସ): ଆଗକୁ ନିର୍ବାଚନ ଆସୁଥିବା ବେଳେ ଆଚରଣ ବିଧି ଲାଗୁ ପୂର୍ବରୁ କଟକ ସହରର ପୂର୍ବାଞ୍ଚଳରେ ନିର୍ମାଣାଧୀନ ଗୋଶାଳା ରେଳ ଓଭରବ୍ରିଜ ଉଦଘାଟନକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଏବେ ବି ଏହି ନିର୍ମାଣ କାମ ସରି ନ ଥିବା ବେଳେ ମାର୍ଚ୍ଚ ସୁଦ୍ଧା ସରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ବ୍ରିଜ କାମ ଶେଷ ହୋଇ ସଂଯୋଗୀକରଣ ରାସ୍ତା ନିର୍ମାଣ ହେବ । କାମ ସରୁ ନ ଥିବାରୁ ନୂଆପଡ଼ା-ଖପୁରିଆ ରାସ୍ତା ବି ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଜଣାପଡ଼ିଛି । ନୂଆବଜାର ଫ୍ଲାଏ ଓଭର ବ୍ରିଜ ପାର୍ଶ୍ୱରୁ ନିର୍ମାଣାଧୀନ ରେଳ ଓଭରବ୍ରିଜ ପାର୍ଶ୍ୱ ରାସ୍ତା ଏବେ ଦୟନୀୟ ହୋଇପଡ଼ିଛି । ଏହି ଅଧାପନ୍ତରିଆ ରାସ୍ତା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଆ।ସୁଛନ୍ତି । ୧ କିଲୋମିଟର ବ୍ୟାପି ରାସ୍ତାଟିର ନବୀକରଣ ପାଇଁ ଗତ ୨୦୧୮ରେ ପ୍ରାୟ ସାଢେ ୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଥିଲା । କିନ୍ତୁ ରାସ୍ତାଟି ପ୍ରେସଛକ ଠାରୁ ନୂଆପଡ଼ା ଛକ ପର୍ଯ୍ୟନ୍ତ ନବିକରଣ କରାଯାଇଥିଲେ ମଧ୍ୟ ଏଥିରେ ଅନେକ ଥର ଖୋଳାପୋତା ହେଲାଣି । ଜାଇକା କାମ ପାଇଁ ଭଲ ରାସ୍ତାକୁ ଖୋଳି କରି ପୁଣି ମରାମତି କରାଯାଉଛି । ରାସ୍ତାଟି ଭାୟା ନୂଆପଡ଼ା ଓ ଗୋଶାଳା ଦେଇ ୫୫ନଂ ଜାତୀୟ ରାଜପଥର ନୂଆବଜାର ଛକକୁ ସଂଯୋଗ କରୁଛି । ଏହି ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳବାସୀ ତଥା ନୂଆପଡ଼ା, ତିନିଘରିଆ, ନୂଆବଜାର, ମଉଗଜପୁର ସମେତ ପଡୋଶୀ ଜଗତସିଂହପୁର ଜିଲ୍ଲାର ଲୋକେ ରାଜଧାନୀ ଭୁବନେଶ୍ୱରକୁ ଯାଆସ କରିଥାନ୍ତି । କିନ୍ତୁ ବିପର୍ଯ୍ୟସ୍ତ ରାସ୍ତା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋଶାଳା ରେଳଓଭର ବ୍ରିଜ ନିର୍ମାଣ ବିଳମ୍ବ କାରଣରୁ ପୁରୁଣା ଜଗନ୍ନାଥ ରୋଡ ଭାବେ ପରିଚିତ ନୂଆପଡ଼ା-ଖପୁରିଆ ରାସ୍ତାର ନବୀକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ।

# ବାଲିସାହି ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା



କଟକ, ୬।୨(ସମିସ): ନୂଆପଡ଼ା ସ୍ଥିତ ବାଲିସାହି ଗ୍ରାମର ଗ୍ରାମବାସୀମାନଙ୍କର ଏକ ସାଧାରଣ ସଭା ସ୍ଥାନୀୟ ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ମନ୍ଦିର ପରିସରରେ ବିଭୁତି ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାଲିସାହି ଉନ୍ନୟନ ସମିତିର ଆସନ୍ତା ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସମିତିର ସଭାପତିଭାବେ ଶିବଚରଣ ଦାସ, ଉପସଭାପତି ଭାବେ ପ୍ରଦୀପ କୁମାର ତ୍ରିପାଠୀ, ସମ୍ପାଦକ ଭାବେ ଗୋପବନ୍ଧୁ ତିୱାରୀ, ଯୁଗ୍ମ ସମ୍ପାଦକ ଭାବେ ଚନ୍ଦ୍ର ଶେଖର ଦାସ, ଭରତ ଚନ୍ଦ୍ର ଦାସ ଏବଂ ମନୋରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ବିଷ୍ଣୁଚରଣ ଷଡଙ୍ଗୀ, ସମୀକ୍ଷକ ଭାବେ ପ୍ରବୀର ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ଆସନ୍ତା ୨ ବର୍ଷ ପାଇଁ ନିର୍ବାଚିତ କରାଯାଇଥିଲା । ବୈଠକରେ ଦୁଃଶାସନ ବେହେରା ନିର୍ବାଚନ ପରିଚାଳନା କରିଥିଲା ବେଳେ । ହରିହର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାପାଙ୍କ ଶେଷ ଇଚ୍ଛା ପୂରଣ କଲେ ପୁଅ

# ଜଗଦାନନ୍ଦଙ୍କ ମରଦେହ ଏସ୍‌ସିବିକୁ ଦାନ

କଟକ, ୬।୨ (ସମିସ):

ମୁଁ ମରିଗଲେ ମୋ ଶରୀର ପଞ୍ଚଭୂତରେ ବିଲୀନ ହେବ ନାହିଁ। ବରଂ ଦେଶର ଭବିଷ୍ୟତ ଗଠନରେ ବ୍ୟବହାର କରାଯିବ । ସବୁବେଳେ ଏହି କଥା କହୁଥିଲେ ବକ୍ସିବଜାର ବେପାରୀ ସାହି ଅଞ୍ଚଳର ଜଗଦାନନ୍ଦ ସାହୁ । ମଙ୍ଗଳବାର ୯୦ବର୍ଷୀୟ ଜଗଦାନନ୍ଦଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ମୃତ ଶରୀରକୁ ଏସ୍‌ସିବି ଶରୀର ଗଠନ ବିଭାଗକୁ ଦାନ କରାଯାଇଛି । ବାପାଙ୍କ ଶେଷ ଇଚ୍ଛାକୁ ପୂରଣ କରି ଏଭଳି ମହତ କାର୍ଯ୍ୟ କରିଛନ୍ତି ଜଗଦାନନ୍ଦଙ୍କ ପୁଅ ବିକାଶ ଚନ୍ଦ୍ର ସାହୁ ।



ସମାଜସେବୀ ଜଗଦାନନ୍ଦଙ୍କ ଏହି ନିଷ୍ପତ୍ତି ତାଙ୍କୁ ସ୍ମରଣୀୟ କରି ରଖିବ । ଅନେକ ବର୍ଷ ପୂର୍ବରୁ ସେ ଏଭଳି ନିଷ୍ପତ୍ତି ନେବା ସହ ପରିବାର ଲୋକଙ୍କୁ ମଧ୍ୟ ଜଣାଇଥିଲେ । ପ୍ରାୟ ୧୦ବର୍ଷ ପୂର୍ବରୁ ତଥା ୨୦୧୪ ମେ' ମାସରେ ଶରୀର ଦାନ ନେଇ ସେ ଏସ୍‌ସିବି ଶରୀର ଗଠନ ବିଭାଗରେ ପଞ୍ଜୀକରଣ କରିଥିଲେ । ପୁଅ ବିକାଶଙ୍କ କହିବା ଅନୁସାରେ, ବାପାଙ୍କର ଏହା ଶେଷ ଇଚ୍ଛା ଥିଲା । ନିଜ ଶରୀରକୁ ଦାନ କରିବା ପାଇଁ ସେ ସବୁବେଳେ କହୁଥିଲେ । ଯଦ୍ୱାରା ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନରେ ସହାୟକ ହେବ । ବାପାଙ୍କ ମରଶରୀରକୁ ଏସସିବିରେ ଦିଆଯାଇଛି । ରୀତିନୀତି ଅନୁଯାୟୀ ଯେଉଁପରି ସମସ୍ତ କାର୍ଯ୍ୟ କରାଯାଏ ଠିକ ସେହିପରି ଦଶାହ, ଏକାଦଶାହ କାର୍ଯ୍ୟ କରାଯିବ । ଏହାସହ ବାପାଙ୍କ ଏଭଳି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପରିବାରର ଅନ୍ୟ ସମସ୍ତ ସଦସ୍ୟ ଆଗାମୀ ଦିନରେ ଏସସିବିକୁ ଶରୀର ଦାନ କରିବା ନେଇ ପଞ୍ଜିକରଣ କରିବୁ ବୋଲି ବିକାଶ ଜଣାଇଛନ୍ତି । ପ୍ରକାଶଥାଉକି, ମେଡିକାଲ ସାଇନ୍ସରେ ଆନାଟୋମି ତଥା ଶରୀର ଗଠନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ ବର୍ଷରେ ଶରୀର ଗଠନ ବିଭାଗ ଉପରେ ଅଧ୍ୟୟନ କରିବାକୁ ପଡ଼ିଥାଏ । ତେଣୁ ମୃତ ଶରୀର ଦାନ ପରେ ବିଭିନ୍ନ ପ୍ରଣାଳୀ ମାଧ୍ୟମରେ ଏହାକୁ ଗଚ୍ଛିତ ରଖାଯାଇ ମେଡିକାଲ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ପାଇଁ ବ୍ୟବହାର କରାଯାଏ । ଏହାଛଡ଼ା ବଡ ମେଡିକାଲରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଆବଶ୍ୟକତା ଅନୁସାରେ ମୃତଦେହ ପଠାଯାଇଥାଏ । ଯାହାଦ୍ୱାରା ମେଡିକାଲ ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ହୋଇପାରିବ ।

# ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ 'ମାଘେ ପରବ'



କଟକ, ୬ ।୨(ସମିସ): ଗାଙ୍ଗୁଲି ବସ୍ତି ସେବା ସଂଘ ପକ୍ଷରୁ ସିଡିଏ ସେକ୍ଟର ୧୧ କାଠଯୋଡ଼ି କୂଳରେ ପାରମ୍ପରିକ ଭାବେ ଆଦିବାସୀ ସମ୍ପ୍ରଦାୟର ମାଘେ ପରବ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ମାଘେ ପରବ ଉପଲକ୍ଷେ ପିଲାମାନଙ୍କ କ୍ରୀଡା ପ୍ରତିଯୋଗିତା ଓ ଆଦିବାସୀ ବାଦ୍ୟର ତାଳେତାଳେ ଲୋକ ନୃତ୍ୟ ଦୁଇ ଦିନ ଧରି ଚାଲିଥିଲା । ଆଜି ଉଦଯାପନୀ ଅବସରରେ ଗାଙ୍ଗୁଲି ବସ୍ତି ସେବା ସଂଘ ପକ୍ଷରୁ ଏକ ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ବାପି ମୁର୍ମୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ସମ୍ମାନୀୟ ଅତିଥି ଭାବେ କବି ଅକ୍ଷୟ ରାଉଳ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିପ୍ର ମହାନ୍ତି ଉପସ୍ଥିତ ଥିଲେ । ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଗୋଲାପି ମୁଣ୍ଡା, ନିରୁ, ଚାମ୍ପିଆ, ବାସନ୍ତୀ ମୁଣ୍ଡା, ମୁନି ଚାତାର, ଶିବ ଲୁହାର, ରାଜା ନାଏକ, ବାପି ସୁଣ୍ଡି, ହଣ୍ଡପା ମୁଣ୍ଡା, ଶ୍ରୀଧର ମୁଣ୍ଡା, ଅମର ସିଂ ସାଇଁଆ, ବୁଦ୍ଧିଆ ଦିଜିମୁଣ୍ଡା, ତୁଳସୀ ମୁଣ୍ଡା, ବସନ୍ତ ସାଏ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

# କଟକ ସିଟି



## ଭାରତୀୟ ନାଗରିକ ସୁରକ୍ଷା ସଂହିତା ସଂକ୍ରାନ୍ତ ଆଲୋଚନାଚକ୍ର




**କଟକ,୬ ।୨(ସମିସ):** ଭାରତୀୟ ଆଇନଜୀବୀ ସଂଘ (ଆଇଏଏଲ) କଟକ ଶାଖା ଆନୁକୂଲ୍ୟରେ "ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩" ଶୀର୍ଷକ ଏକ ଆଲୋଚନାଚକ୍ର କଟକ ଟାଉନ ହଲଠାରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ ମହାପାତ୍ର ଏହି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩'ର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ ଉପରୋକ୍ତ ବିଷୟବସ୍ତୁ ଉପରେ ଏକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଭାରତୀୟ ଆଇନଜୀବୀ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଡା.ପ୍ରଶାନ୍ତ ମିଶ୍ର ଉଦବୋଧନ ଦେଇଥିଲେ। ଆଇନଜୀବୀ ସର୍ବଶ୍ରୀ ଲକ୍ଷ୍ମୀଧର ଦାଶ, ସମୀର ଘୋଷ, ନିଗମାନନ୍ଦ ଦାସ, ଶୁଭେନ୍ଦୁ ମହାନ୍ତି, ରବିନ୍ଦ୍ର ପଟ୍ଟନାୟକ, ବଦ୍ରିନାରାୟଣ ମହାପାତ୍ର, ଅଭିଜିତ ପଟ୍ଟନାୟକ, ଜାମିନୀକାନ୍ତ ଭୂୟାଁ, ବିଭୁ ପ୍ରସନ୍ନ ମହାପାତ୍ର, ମହେଶ୍ୱର ଯତି, ବିଦ୍ୟାପ୍ରସନ ମହାପାତ୍ର, ଦୀଲ୍ଲିପ ରାୟ ଚୌଧୁରୀ, ଅକ୍ଷୟ ବେହେରା, କେଦାର ଦାଶ, ଆଦିତ୍ୟବାଳା ପରିଡା, ସ୍ମୃତି ମହାନ୍ତି, ରୀନା ନାୟକ, ରଶ୍ମିପ୍ରଭା ଦାସ ପ୍ରମୁଖ ଶତାଧିକ ଆଇନଜୀବୀ ଏଥିରେ ଯୋଗଦେଇଥିଲେ। ଆଇନଜୀବୀ ଅମରେନ୍ଦୁ ମହାନ୍ତି ଆଲୋଚନାଚକ୍ରର ନିର୍ଯାସ ଉପସ୍ଥାପନ କରିଥିଲେ।

## ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ଦାବିପତ୍ର



**କଟକ,୬ ।୨(ସମିସ):** ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଓ କର୍ମଚାରୀଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟର ୧୯୪ ବିଦ୍ୟାଳୟକୁ ଅନୁଦାନ ଯୋଗାଇଦେବା ଏବଂ ୨୨୬ ଓ ୩୯୯ ବିଦ୍ୟାଳୟରେ ଶିକ୍ଷକ କର୍ମଚାରୀଙ୍କ ପ୍ରତି ସପ୍ତମ ବେତନ କମିଶନ ଲାଗୁ କରିବା, ପେନସନ ବାବଦରେ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ସମ୍ପାଦକ ବିଜୟ କୁମାର ଛାତ୍ର, ଭାସ୍କର ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ୧୬୧କେଜି ଗଞ୍ଜେଇ ଜବତ; ୩ ଗିରଫ

**କଟକ,୬ ।୨(ସମିସ):** ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ୩ ଜଣ ନିଶା ବେପାରୀଙ୍କୁ ଆଜି ଗିରଫ କରାଯାଇଛି। ଅଭିଯୁକ୍ତମାନେ ଓଡ଼ିଶାରୁ ବିହାର ଓ କଲିକତାକୁ ପୃଥକ ଭାବେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ମୋଟ ୧୬୧ କେଜି ଗଞ୍ଜେଇ ସହିତ ୨ଟି ମାରୁତି ଡିଜାୟାର କାର୍ ଜବତ କରାଯାଇଛି। ଜବତ୍ ହୋଇଥିବା ଗଞ୍ଜେଇର ମୂଲ୍ୟ ୧୬ ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ବିହାରର ମହମ୍ମଦ ଫିରୋଜ ଖାଁ ଓ ଅନୁଗୁଳ ଜିଲ୍ଲାର କାଳିଆ ମାଝି ଓ ବିବେକାନନ୍ଦ ମାଝି। ଅବକାରୀ ସ୍କ୍ୱାଡ୍‌ର ସୂଚନା ଅନୁଯାୟୀ, ଅବକାରୀ କମିସନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ଅଧୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗୁଳି ଓ ତ୍ରିଶୁଳିଆ ଛକରେ ଚଢ଼ଉ କରାଯାଇଥିଲା। ମଙ୍ଗୁଳି ଛକରୁ ବିହାରର ଗଞ୍ଜେଇ ମାଫିଆ ଫିରୋଜ ଗଞ୍ଜାମରୁ ବିହାରକୁ ଗଞ୍ଜେଇ ଚାଲାଣ ସମୟରେ ଧରାପଡ଼ିଥିଲା। ତା' ନିକଟରୁ ଗୋଟିଏ ମାରୁତି ଡିଜାୟାର ଗାଡ଼ି ସହିତ ୬୯ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୬ ଲକ୍ଷ ୯୦ ହଜାର ଟଙ୍କା। ସେହିଭଳି ଅନୁଗୁଳର ୨ ବାସିନ୍ଦା କାଳିଆ ଓ ବିବେକାନନ୍ଦ ଭୁବନେଶ୍ୱରରୁ କଲିକତା ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ। ଏମାନଙ୍କୁ ମଙ୍ଗୁଳି ଛକରେ ଚଢ଼ଉ ସମୟରେ ଗିରଫ କରାଯାଇଥିଲା।

### ଏସ୍‌ସିବି ହେବ ଏମ୍‌ସ ପ୍ଲସ୍

# ଡିସେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ

- ପ୍ରକଳ୍ପସ୍ଥଳ ଅନୁଧ୍ୟାନ କଲେ ଆରଡିସି, ଜିଲ୍ଲାପାଳ
- ଆଗ ସରିବ କ୍ଲିନିକାଲ କୋଠା-୧ ଓ ୩ ନିର୍ମାଣ କାର୍ଯ୍ୟ

କଟକ,୬।୨(ସମିସ)

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପ୍ରସାରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଏହାକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ବେଳେ ମଙ୍ଗଳବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡଃ ରଞ୍ଜନ କୁମାର ଦାସ ଏବଂ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରକଳ୍ପ ସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଏସ୍‌ସିବି ମେଡିକାଲର ଏହି ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଛି ବୋଲି ଏହି ଅବସରରେ ସୂଚନା ଦିଆଯାଇଛି। ଅନୁଧ୍ୟାନ ସମୟରେ ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ, ଓଡିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ୍ କର୍ପୋରେସନ୍‌ର ବରିଷ୍ଠ ପଦାଧିକାରୀ ସୌରେନ୍ କୁମାର ସାହୁ, କଲ୍ଲୋଳ କିଶୋର ପ୍ରଧାନ, ରାସ୍ତା ଓ କୋଠାବାଡି ବିଭାଗ-୧ର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ମାଝୀ, ନିର୍ମାଣକାରୀ ସଂସ୍ଥା ଏଲ୍ ଆଣ୍ଡ ଟିର ପ୍ରକଳ୍ପ ନିର୍ଦ୍ଦେଶକ ଏମ୍. ଅରୁଣା ଗିରି, ଆର୍ଥିକ ପରିଚାଳକ ଦେବ ପ୍ରସାଦ ମିଶ୍ର ଏବଂ ଲୋକସଂପର୍କ ଅଧିକାରୀ ଅଭିମନ୍ୟୁ ପଣ୍ଡା ଉପସ୍ଥିତ ଥିଲେ।





ପ୍ରକାଶ ଥାଉକି, ମୋଟ୍ ୧୩୮ ଏକର ପରିମିତ ଜମିରେ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଠାରେ ଚାରୋଟି କ୍ଲିନିକାଲ କୋଠା ଏବଂ ୧୩ଟି ଆବାସିକ କୋଠା ଏକସଙ୍ଗରେ ନିର୍ମାଣ କରାଯାଉଛି। କ୍ଲିନିକାଲ କୋଠା ଗୁଡିକ ୧୦ ମହଲା ବିଶିଷ୍ଟ ଏବଂ ଆବାସିକ କୋଠା ଗୁଡିକ ୧୩ ମହଲା ବିଶିଷ୍ଟ ହେବ। ସମ୍ପ୍ରସାରିତ ପ୍ରକଳ୍ପରେ ଚିକିତ୍ସା ପାଇଁ ୨୫୦୦ ଶଯ୍ୟାର ବ୍ୟବସ୍ଥା କରାଯାଉଛି। ସେହିଭଳି ହାଡିଆପଠା ନିକଟସ୍ଥ ସ୍ଥାନରେ ଗାଡି ରହଣୀ ସ୍ଥଳ ନିର୍ମାଣ କରାଯିବା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରାଯାଉଛି। ଓବିସିସିର ଜନୈକ ବରିଷ୍ଠ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, କ୍ଲିନିକାଲ କୋଠା ନିର୍ମାଣ କାର୍ଯ୍ୟ ପ୍ରଥମେ ଶେଷ ହେବ। ଏହା ଭିତରେ କ୍ଲିନିକାଲ କୋଠା-୧ ଓ କ୍ଲିନିକାଲ କୋଠା-୩ ନିର୍ମାଣ ଆଗ ଶେଷ ହୋଇପାରେ। ଡିସେମ୍ବର ମାସ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବାରୁ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଛନ୍ତି।

## ଶିଶୁ ଭବନ ନୂତନ କୋଠା ଲୋକାର୍ପଣ ଖୁବ୍‌ଶୀଘ୍ର

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡଃ ରଞ୍ଜନ କୁମାର ଦାସ ଏବଂ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଆଜି ଶିଶୁ ଭବନ ମଧ ପରିଦର୍ଶନ କରିଥିଲେ। ଏଠାରେ ୧୨୭ କୋଟି ଟଙ୍କାର ବ୍ୟୟ ଅଟକଳରେ ତିଆରି ହୋଇଛି ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ, ନୂତନ ହସ୍ପିଟାଲ କୋଠା ଓ ପିଜି ଛାତ୍ରାବାସ। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ସାରିଛି। ୱାର୍କସ ବିଭାଗ ପକ୍ଷରୁ ନୂତନ କୋଠା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଦିଆଯାଇଛି। ମାତ୍ର ଲୋକାର୍ପଣ ହୋଇ ପାରିନାହିଁ। ନୂତନ କୋଠା ଖୁବଶୀଘ୍ର ଲୋକାର୍ପଣ କରାଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କିଛି କାର୍ଯ୍ୟ ବଳକା ରହିଥିବାରୁ ଲୋକାର୍ପଣରେ ବିଳମ୍ବ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଶିଶୁ ଭବନ।



ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଶିଶୁ ରୋଗୀ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଚିକିତ୍ସିତ ହେଉଥିବା ଶିଶୁରୋଗୀଙ୍କ ମଧ୍ୟରୁ ବହୁ ସଂଖ୍ୟକ ରୋଗୀ ସମ୍ପୂର୍ଣ୍ଣଭାବେ ନିରୋଗ ହୋଇ ଘରକୁ ଫେରିଥାନ୍ତି। ଚିକିତ୍ସା ଉପଯୋଗୀ ବହୁ ଉନ୍ନତମାନର ଯନ୍ତ୍ରପାତି ଏଠାରେ ଉପଲବ୍ଧ ଥିବାରୁ ବହୁ ସମୟରେ ଗୁରୁତର ଶିଶୁରୋଗୀଙ୍କ ପରିବାର ସଦସ୍ୟ ଶିଶୁଭବନ ଉପରେ ଭରସା କରି ଦୂରଦୂରାନ୍ତରୁ ଏଠାକୁ ଆସିଥାନ୍ତି। ଆଗାମୀ ଦିନରେ ଶିଶୁ ରୋଗୀ ସେବା ଆହୁରି ଉନ୍ନତମାନର କରାଯିବ। ଶିଶୁଭବନର ଉନ୍ନତିକରଣ ପାଇଁ ନୂତନ ପ୍ରକଳ୍ପ ୨୦୨୦ ଫେବୃୟାରୀ ମାସରେ ଆରମ୍ଭ ହୋଇଥିଲା। ନୂତନ ପ୍ରକଳ୍ପର ବଜେଟ ହେଉଛି ୧୨୭ କୋଟି ୩୫ଲକ୍ଷ ୫୦ହଜାର ୫୦୯ ଟଙ୍କା। ଏହା ଭିତରେ ୭ ମହଲା(ଜି+୬) ବିଶିଷ୍ଟ ହସ୍ପିଟାଲ କୋଠା, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ସମେତ ଅନ୍ୟ ବିଭାଗ ସବୁ ରହିଛି।

## ଜେକେବିକେ କଲେଜରେ ନୂତନ ସୌଧର ଭିତ୍ତିପ୍ରସ୍ତର ସ୍ଥାପନ



**କଟକ,୬ ।୨(ସମିସ):** ଜାତୀୟ କବି ବୀରକିଶୋର ସରକାରୀ କଲେଜରେ ନୂତନ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୫ମହଲା ବିଶିଷ୍ଟ ଏହି ସୌଧର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଏହି ଅବସରରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ, ରୂପାନ୍ତରୀକରଣ ଦ୍ୱାରା ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ସଙ୍କଳ୍ପର ଏକ ଅଂଶ। ସଭାରେ ସାଂସଦ ଭର୍ତ୍ତୃହରୀ ମହତାବ କହିଲେ ଯେ, ଏହି ମହାବିଦ୍ୟାଳୟ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ନୂଆ ଓଡ଼ିଶାର ସ୍ୱପ୍ନର ପ୍ରତିଫଳନ ହେଉଛି ଏହି ମହାବିଦ୍ୟାଳୟ। କଲେଜର ଅଧ୍ୟକ୍ଷା ପ୍ରଫେସର ଅନୁଜା ମହାପାତ୍ର ଉଦ୍‌ବୋଧନ ଦେଇ କହିଲେ, ଏହି ସରକାରୀ କଲେଜ ଭିତ୍ତିଭୂମି ବିକାଶରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ବିଧାୟକ ଓ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ପ୍ରମୁଖ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଉତ୍ସବରେ ପ୍ରାଧ୍ୟାପକ ନୂତନରଞ୍ଜନ ମହାନ୍ତି, ଡଃ ପଦ୍ମଜା ପଣ୍ଡିତ, ଡଃ ଦୈତ୍ୟାରୀ ସାହୁ, ଡଃ ଜୟଶ୍ରୀ ମଲ୍ଲିକ, ଡଃ ଦେବଦତ୍ତା ମିଶ୍ର, ଧିରେନଚନ୍ଦ୍ର ଚାନ୍ଦ, ଡଃ ବୃନ୍ଦାବନ ସାହୁ, ଡଃ ଜୁଟସିନା ସାହୁ, ଡଃ ରୋସନାରା ବେଗମ୍, ଡଃ ଲୋପାମୁଦ୍ରା ଦାସ, ଡଃ ସ୍ୱସ୍ତିସ୍ୱାଗତିକା ସ୍ୱାଇଁ, ଡଃ ପ୍ରିୟଦର୍ଶନୀ ସ୍ୱାଇଁ, ଡଃ ବିଶ୍ୱଜିତ୍ ପତି, ଡଃ ବିଜୟଲକ୍ଷ୍ମୀ ସାହୁ, ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, ଅଜିତ୍ କୁମାର ସେଠୀ, ପର୍ଶୁରାମ ଓଝା, ଅନୁପମା ବରାଳ, ଡଃ ଅନିମା ବୋଷ, ସ୍ୱସ୍ତିକସୁମନ୍ ଶତପଥୀ, ନିରାକର ସେଠୀ, ସମୀରକୁମାର ରାଉତ, ଡଃ ମଞ୍ଜୁଶ୍ରୀ ଭୋଇ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରେଭେନ୍ସାରେ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା

କଟକ,୬ ।୨(ସମିସ)



ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୭ଦିନିଆ ଦ୍ୱିତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଓଡିଶାର ୨୭ଟି ବିଶ୍ୱବିଦ୍ୟାଳୟର କ୍ରୀଡାବିତ୍‌ମାନେ ଏଥିରେ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ମେୟର ସୁବାସ ସିଂ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହାନଗର ନିଗମର କମିଶନର ସିଦ୍ଧାର୍ଥଶଙ୍କର ସ୍ୱାଇଁ ଭବିଷ୍ୟତରେ କ୍ରୀଡା ଭିତ୍ତିଭୂମିକୁ ଆହୁରି ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ପ୍ରତିଯୋଗୀତାରେ ଫୁଟବଲ୍, ବ୍ୟାଡ୍‌ମିଣ୍ଟନ୍, ଭଲିବଲ୍, ବାସ୍କେଟ୍ ବଲ, ଖୋ-ଖୋ, କ୍ୟାରମ୍, କ୍ରିକେଟ୍, ଚେସ୍, ହକି, ୱାଡ୍ ଗେମ୍, ଆଇଟିର ଆୟୋଜନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବାଘନାଚ ଓ ମାଲଖମ୍ବ ପରିବେଷଣ କରାଯାଇଥିଲା।

## ସିଏନ୍‌ବିଟି ବୁଲିଲେ ସିଡିଏ ଉପାଧ୍ୟକ୍ଷ

### ବିଶ୍ୱନାଥ ପଣ୍ଡିତ ପାଠାଗାର ବିଦ୍ୟାର୍ଥୀଙ୍କ ସମସ୍ୟା ସମାଧାନ



**କଟକ,୬ ।୨(ସମିସ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଉପାଧ୍ୟକ୍ଷ ତଥା କଟକ ମହାନଗର ନିଗମ (ସିଏମସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ପୂର୍ବାହ୍ନରେ ଖାନନଗର ସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନବିଟି) ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ତାଙ୍କ ସହ ଟର୍ମିନାଲର ନୋଡାଲ ଅଫିସର ପରେଶ କୁମାର ସାହୁ, ପରିଚାଳକ, କର୍ମଚାରୀ ଓ ଯାତ୍ରୀ ସୁରକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଶ୍ରୀ ସ୍ୱାଇଁ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିବା ସହ ସେମାନଙ୍କର ଅଭାବ ଅସୁବିଧା ପଚାରି ବୁଝିଥିଲେ। ଏତଦ୍‌ବ୍ୟତୀତ ସିଏନବିଟି ମଧ୍ୟରେ ଚାଲିଥିବା ଆହାର କେନ୍ଦ୍ର ବୁଲିଦେଖିଥିଲେ। ଏହାର ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ପରେ ପରେ ଶ୍ରୀ ସ୍ୱାଇଁ ସିଏନବିଟି ବିଲ୍ଡିଂର ଉପର ମହଲାରେ ଅସ୍ଥାୟୀ ଭାବେ ଚାଲିଥିବା ବିଶ୍ୱନାଥ ପଣ୍ଡିତ ପାଠାଗାର ପରିଦର୍ଶନ କରିବା ସହ ସେଠାରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଥିଲେ। ବହିପତ୍ର ଓ ପତ୍ରିକାର ଆବଶ୍ୟକତା ସଂପର୍କରେ ସେ ସେମାନଙ୍କୁ ପଚାରି ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ମାନେ ଅଧିକ ପାଇଖାନା ଓ ପରିଶ୍ରାଗାର ଆବଶ୍ୟକତା ସଂପର୍କରେ ଶ୍ରୀ ସ୍ୱାଇଁଙ୍କୁ ଅବଗତ କରାଇଥିଲେ। ତେବେ ତଳମହଲାରେ ଥିବା ପାଇଖାନା ଓ ପରିଶ୍ରାଗାରକୁ ତୁରନ୍ତ ଛାତ୍ରୀମାନଙ୍କୁ ଯୋଗାଇ ଦେବାକୁ ଶ୍ରୀ ସ୍ୱାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଘୋଷିତ କଲ୍ୟାଣ ମଣ୍ଡପରେ ଚାଲିଛି ଭୋଜିଭାତ

କଟକ,୬ ।୨(ସମିସ)

କଟକ ସହରରେ ମାଳମାଳ ବେଆଇନ ତଥା ଅଘୋଷିତ କଲ୍ୟାଣ ମଣ୍ଡପର ଚେର ବହୁ ଗଭୀରକୁ ଯାଇଛି। ସଲାସୁତରାରେ କେତେକ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ସେମାନଙ୍କ ମଣ୍ଡପକୁ ବେଆଇନ ଢଙ୍ଗରେ ଚଲାଉଛନ୍ତି। ଏପରିକି ମଣ୍ଡପ ନ ହୋଇ ବି ଅନେକ ଜାଗାରେ ଥିବା କୋଠା ମଣ୍ଡପ ଭଳି ବ୍ୟବହାର ହେଉଛି। କେଉଁଠି ସାଇନବୋର୍ଡ ନ ଥିବାରୁ ଏଗୁଡିକ ବି ସନ୍ଦେହଘେରକୁ ଆସୁନାହାଁନ୍ତି। ବିନା ସାଇନ ବୋର୍ଡରେ ଥିବା ଏହିପରି ବହୁ କଲ୍ୟାଣମଣ୍ଡପ କଟକ ସହରରେ କାୟା ବିସ୍ତାର କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା ହାସଲ କରିବାରେ ଲାଗିଛନ୍ତି। ଗୋଟିଏ ପଟରେ କଲ୍ୟାଣ ମଣ୍ଡପ ମାମଲା ଓଡିଶା ହାଇକୋର୍ଟଙ୍କ ବିଚାରାଧୀନ ରହିଛି। ହେଲେ ପୂର୍ବରୁ ଥିବା

### ପାର୍କିଂ ସ୍ଥାନ ନ ଥିବାରୁ ଟ୍ରାଫିକ ସମସ୍ୟା

ହାଇକୋର୍ଟଙ୍କ ଆଦେଶକୁ ବି ଅବମାନନା କରି ସହରରେ କେତେକ କଲ୍ୟାଣ ମଣ୍ଡପ ବେଧଡକ ଚାଲୁଛି। କଟକ ସହରରେ ସରକାରୀ ରେକର୍ଡରେ ମାତ୍ର ୭୨ଟି ମଣ୍ଡପକୁ ସର୍ତ୍ତମୂଳକ ଲାଇସେନ୍ସ ଦିଆଯାଇଥିବା କୁହାଯାଉଛି। ହେଲେ ପ୍ରାୟ ୧୦୦ରୁ ଅଧିକ କଲ୍ୟାଣ ମଣ୍ଡପ ଚାଲୁଥିବା ଅଭିଯୋଗ ହେଉଛି। ଯେଉଁଥିରୁ ଅନେକଙ୍କ ଲାଇସେନ୍ସ ନ ଥାଇ ଚାଲୁଛି। କଟକ ମହାନଗର ନିଗମ ପକ୍ଷରୁ କେତେକ ମଣ୍ଡପର ଯାଞ୍ଚ କରାଯାଇଥିବାର କୁହାଯାଉଛି। ମିଳିଥିବା ସୂଚନାନୁସାରେ କଟକ ସହରରେ କଲ୍ୟାଣ ମଣ୍ଡପ ଚଲାଇବାକୁ ହେଲେ ପ୍ରଥମତଃ ପାର୍କିଂ ସ୍ଥାନ, ସିସିଟିଭି, ଡଷ୍ଟବିନ ଓ ସର୍ବୋପରି ଅଗ୍ନିନିର୍ବାପକ ବ୍ୟବସ୍ଥା ରହିବା ବାଧ୍ୟତାମୂଳକ କରାଯାଇଛି। ୨୦୧୯ରେ ହାଇକୋର୍ଟ ଉପରୋକ୍ତ ନିୟମାବଳୀ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ସବୁ ନିୟମ ଉଲ୍ଲଂଘନ କରାଯାଇ ସହରରେ ବହୁ କଲ୍ୟାଣ ମଣ୍ଡପ ଚାଲୁଛି। ନିୟମାନୁସାରେ ସାଧାରଣତଃ କଲ୍ୟାଣ ମଣ୍ଡପ ଗୁଡିକର ବୁକିଂ ସମ୍ବନ୍ଧରେ ସଂପୃକ୍ତ ଅଞ୍ଚଳର ଥାନା ଅବଗତ ହେବା କଥା। ହେଲେ ଥାନାକୁ ଅବଗତ କରାଯାଉଛି କି ନାହିଁ ତାହା ସନ୍ଦେହ ଘେରରେ ରହୁଛି। କେତେକ ସଲାସୁତରାରେ ଭୋଜିଭାତ ଆୟୋଜନ କରି କାମ ସାରିଦେଉଛନ୍ତି। ଏପରିକି ଏଥି ଲାଗି ଅର୍ଥ କାରବାର ମଧ କରାଯାଉଥିବାର ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ସହରର କେତେକ କ୍ଲବ, ମନ୍ଦିର, ଗୋଷ୍ଠୀ କେନ୍ଦ୍ର, ପଡିଆ ବି କଲ୍ୟାଣ ମଣ୍ଡପ ଭଳି ବ୍ୟବହାର କରାଯାଉଛି। ଯେଉଁଠି ବିବାହ ବ୍ରତ ଆଦି କାର୍ଯ୍ୟକ୍ରମ ଚାଲୁରହିଛି। କଲ୍ୟାଣ ମଣ୍ଡପ ଗୁଡିକ ଅନେକ ସମୟରେ ସରକାରୀ ରାସ୍ତା କଡ ଓ ଖୋଲାସ୍ଥାନକୁ ପାର୍କିଂ ସ୍ଥାନ ଭାବେ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁ ମଣ୍ଡପ ରାସ୍ତା ଉପରେ ନିର୍ମାଣ କରାଯାଇଛି ଯାହାର ଆଦୌ ପାର୍କିଂ ସ୍ଥାନ ନାହିଁ। ସେହିସବୁ ମଣ୍ଡପକୁ ଆସୁଥିବା ଯାନବାହନ ସରକାରୀ ରାସ୍ତାଘାଟ ତଥା ଖୋଲା ଜାଗାରେ ପାର୍କିଂ କରାଯାଉଥିବାର ପରିଲକ୍ଷିତ ହେଉଛି। ଏହା ଟ୍ରାଫିକ ସମସ୍ୟାର କାରଣ ପାଲଟୁଛି। ଅଗ୍ନିନିର୍ବାପକ ବ୍ୟବସ୍ଥା ନାମକୁ ମାତ୍ର କେତେକ ମଣ୍ଡପରେ ରହିଥିବା ବେଳେ ଆଉ କେତେକ ମଣ୍ଡପରେ ଆଦୌ ଏହା ନାହିଁ। ଲାଇସେନ୍ସ ନ ଥାଇ ମଣ୍ଡପ ଗୁଡିକ ଚାଲୁଥିଲେ ଏହାକୁ ବନ୍ଦ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ବି ଏହା କଟକ ସହରରେ ସଠିକ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁ ନ ଥିବାର ପରିଲକ୍ଷିତ ହୋଇଛି।



## 'ଉତ୍କଳ ସାହିତ୍ୟ ସମାଜ' ସମ୍ବର୍ଦ୍ଧିତ

**କଟକ,୬ ।୨(ସମିସ):** ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ପ୍ରଥମ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ 'ଉତ୍କଳ ସାହିତ୍ୟ ସମାଜ ସମ୍ବର୍ଦ୍ଧିତ ହୋଇଛି। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ଠାରୁ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ପ୍ରଧାପକ ଆଦିତ୍ୟପ୍ରତାପ ଧଳ ଏହି ମର୍ଯ୍ୟାଦାଜନକ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଗୋଷ୍ଠୀ ଚୟନ ପକ୍ରିୟାରେ ଅନିୟମିତତା ଅଭିଯୋଗ

# ପୌର କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

ଚୌଦ୍ୱାର,୬।୨(ସମିସ)

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଯୋଜନାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକରିବା ପାଇଁ ଚୌଦ୍ୱାର ପୌରପାଳିକାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହା ପ୍ରତିବାଦରେ ଚୌଦ୍ୱାର ପୌରପାଳିକାର ବିଭିନ୍ନ ୱାର୍ଡରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠିର କିଛି ମହିଳା ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ପୌର କର୍ତ୍ତୃପକ୍ଷଙ୍କ ତରଫରୁ ଗୋଷ୍ଠୀ ଚୟନରେ ବ୍ୟାପକ ପାତରଅନ୍ତର କରାଯାଇଥିବା, ନିୟମ କାନୁନକୁ ଉଲ୍ଲଙ୍ଘନ କରାଯାଇଥିବା, ଚୟନ ପ୍ରକ୍ରିୟା ପୂର୍ବରୁ ୱାର୍ଡରେ ଥିବା ସମସ୍ତ ଗୋଷ୍ଠୀଙ୍କୁ ଖବର ଦିଆଯାଇ ନ ଥିବା ଧାରଣାରତ ମହିଳାମାନେ ଅଭିଯୋଗ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମଗୁଡିକୁ ପୌରପାଳିକା ତରଫରୁ ସାର୍ବଜନୀନ କରାଯାଉ ନ ଥିବା ବେଳେ ମୁକ୍ତା



ଯୋଜନାରେ କେଉଁ ଆଧାରରେ ମହିଳା ଗୋଷ୍ଠି ଚୟନ କରାଯାଇଛି ବୋଲି ମହିଳାମାନେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କୁ ପ୍ରଶ୍ନ କରିଥିଲେ । ଯୋଜନାର ସଫଳ ରୂପାୟନ ପାଇଁ ପୌର କାର୍ଯ୍ୟାଳୟ ତରଫରୁ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିବା ଏବଂ ଗୋଟିଏ କାମ ପାଇଁ ଏକରୁ ଅଧିକ ଗୋଷ୍ଠୀ ଆବେଦନ କରିଥିବାରୁ ଲଟେରୀ ମାଧ୍ୟମରେ ଗୋଷ୍ଠୀ ଚୟନ କରାଯାଇଥିବା ନିର୍ବାହୀ ଅଧିକାରୀ ସ୍ପଷ୍ଟିକରଣ ଦେଇଥିଲେ ସୁଦ୍ଧା ଏଥିରେ ସନ୍ତୁଷ୍ଟ ନ ହୋଇ ମହିଳାମାନେ ହୋହାଲ୍ଲା କରିଥିଲେ । ଏଠାରେ ସୂଚାନାଯୋଗ୍ୟ ଚୌଦ୍ୱାର ପୌରପାଳିକାରେ ମୁକ୍ତା ଯୋଜନାରେ ୧୯ଟି ୱାର୍ଡରେ ପ୍ରାୟ ୧ କୋଟି ୮୪ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କରିବା ପାଇଁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା । ପରେ ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, କାଉନସିଲର, କର୍ମଚାରୀ ଓ ଆବେଦନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠିର ସଭାପତି ଅବା ସଂପାଦକଙ୍କ ଉପସ୍ଥିତିରେ ଆବେଦନ ଫର୍ମ ଯାଞ୍ଚ କରାଯାଇ ଲଟେରୀ ମାଧ୍ୟମରେ ଗୋଷ୍ଠୀ ଚୟନ କରାଯାଇଥିବା ଓ ଏଥିରେ କୌଣସି ଅନିୟମିତତା ହୋଇ ନ ଥିବା ପୌରାଧକ୍ଷା କହିଛନ୍ତି ।

## ବିଶ୍ୱ ଓଡିଆ ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର




ମାହାଙ୍ଗା,୬।୨(ସମିସ): ମାହାଙ୍ଗା ବ୍ଲକ ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ "ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା'ର ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଓ ପରିଚାଳନା କମିଟିର ସଭାପତି ରବିନ୍ଦ୍ରନାଥ ମଲ୍ଲିକ । ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ଗବେଷକ ଡ. ଜୟରାମ ସ୍ୱାଇଁ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉକ୍ତ ଉତ୍ସବରେ ଯୁକ୍ତ ୩ ମୁଖ୍ୟନୋଡାଲ ଅଫିସର ମନୋରଞ୍ଜନ ବେହୁରା । ପରିଚାଳନା । କରିଥିବା ବେଳେ ଅଧ୍ୟାପକ ସୁଧାଂଶୁ ଶେଖର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ଯୁକ୍ତ ୨ ମୁଖ୍ୟ ନୋଡାଲ ଅଫିସର ପ୍ରଭାତ ଆଚାର୍ଯ୍ୟ, ଯୁକ୍ତ ୩ ନୋଡାଲ ଅଫିସର ଅଧ୍ୟାପିକା ତୁଳସୀ ରାଉତ, ଯୁକ୍ତ୨ ନୋଡାଲ ଅଫିସର ଅଧ୍ୟାପିକା ପରିସୀମା ଭୋଇ, ଅଧ୍ୟାପକ ଜ୍ଞାନ ରଞ୍ଜନ ଶତପଥୀ, ଡ. ଅଶୋକ ଖଟୁଆ, ଡମ୍ବରୁଧର ସାହୁ, ଡ. ଗଗନ ବିହାରୀ ପୃଷ୍ଟି, ଦିଲୀପ ସାହୁ, ତାରାକାନ୍ତ ପ୍ରଧାନ, ନିତ୍ୟାନନ୍ଦ ସାମଲ, ସନ୍ତୋଷ ପରିଡା, ଅଧ୍ୟାପିକା ମଧୁସ୍ମିତା ସାମଲ, ମାମିନୀ ମିଶ୍ର, ଗୀତା ସାହୁ, ଗୌରୀପ୍ରଭା ଶତପଥୀ, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଅଧ୍ୟାପିକା ବନିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ମାହାଙ୍ଗା,୬।୨(ସମିସ): ଭଦ୍ରେଶ୍ୱର ପଞ୍ଚାୟତର ଝାଡେଶ୍ୱରପୁର କଲେଜ ପରିସରରେ 'ଆମ ଓଡିଶା ଓ ନବୀନ ଓଡିଶା' କାର୍ଯ୍ୟକ୍ରମ ସିଆରସିସି ରମାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ପଞ୍ଚାୟତର ସରପଞ୍ଚ କମଳାକାନ୍ତ ରାଉତ, ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମହାବିଦ୍ୟାଳୟର ଅଧକ୍ଷ ଅଧ୍ୟାପକ ବରଦା ପ୍ରସାଦ ମିଶ୍ର, ପୂର୍ବତନ ସରପଞ୍ଚ ବିବେକାନନ୍ଦ ପାଣି, ନାହାଙ୍ଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି, ଗୋପାଳପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ନରହରି ସେଠୀ, ଝାଡେଶ୍ୱରପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିସା ପ୍ରଧାନ, ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ତ୍ରିନାଥ ଜେନା, ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ପ୍ରଧାନ, ଅଧ୍ୟାପକ ଉତ୍ତମ ନାୟକ, ସମିତିସଭ୍ୟ ଲଳିତ ରାଉଳ, ପିଇଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଚୌଧୁରୀ ରମାକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରମେଶ ଜେନା, ନମିତା ସ୍ୱାଇଁ, ଆଇନଜୀବୀ ଅମରେଶ ମିଶ୍ର, ସ୍ୱାସ୍ଥ୍ୟବିଭାଗ ସୁପରଭାଇଜର କେଦାରନାଥ ନାୟକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶିଶିର ନନ୍ଦ, ଅଙ୍ଗନବାଡି କର୍ମୀ କାନ୍ତିଲତା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉପଲକ୍ଷେ ଭଦ୍ରେଶ୍ୱର ପଞ୍ଚାୟତର ୩୦ଜଣ ବରିଷ୍ଠ ନାଗରିକ, ସମାଜସେବୀ, କୃଷକଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଟାଙ୍ଗୀର ଶତାଧିକ ଶ୍ରଦ୍ଧାଳୁଙ୍କ ଜଗନ୍ନାଥ ପ୍ରକଳ୍ପ ଦର୍ଶନ

ଟାଙ୍ଗୀ,୬ ।୨(ସମିସ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ଗୁଆ ଓ ଚାଉଳ ସଂଗ୍ରହ ପରେ ଏବେ ଶ୍ରଦ୍ଧାଳୁଙ୍କ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି । ମାର୍ଗଦର୍ଶିକା ଅନୁଯାୟୀ ସରକାରୀ ଖର୍ଚ୍ଚରେ ପଞ୍ଚାୟତ ପିଛା ୨୦ଜଣ ଶ୍ରଦ୍ଧାଳୁଙ୍କ ଜଗନ୍ନାଥ ଦର୍ଶନ ବ୍ୟବସ୍ଥା ଥିବାବେଳେ ସ୍ଥାନୀୟ ବିଜେଡି ନେତୃମଣ୍ଡଳୀ ଅଧିକ ଲୋକଙ୍କୁ ସୁଯୋଗ ଦେଉଥିବା ଦେଖିବାକୁ ମିଳୁଛି । ଏହି କ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩ଟି ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ମଙ୍ଗଳବାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ସରକାରୀ ନିୟମାନୁଯାୟୀ ସଂଖ୍ୟା ୨୬୦ ବେଳେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା । ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧକ୍ଷା ମିନାକ୍ଷୀ ଦାସ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଆମ୍ରା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶାରଦା ପ୍ରସନ୍ନ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଯୁବନେତା ଗୋପାଳ ଲେଙ୍କା, ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ନିବାସ ପାଣ୍ଡବ, ଶୁଭସ୍ମିତା ମଲ୍ଲିକ, ଭରତ ବେହେରା, ମହେଶ୍ୱର ମହାନ୍ତ, ପ୍ରଭାସ୍ମିତା ସ୍ୱାଇଁ ଓ ସୁଜାତା ହାତୀ ପ୍ରମୁଖ ଆଗଧାଡିର ବିଜେଡ଼ି କର୍ମୀ, ମିଶନ ଶକ୍ତିର ନେତୃମଣ୍ଡଳୀ, ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷିମିତ୍ର ପ୍ରମୁଖ ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ ।



## ଆଠଗଡ଼ରେ ମାତିଛନ୍ତି ଲୁଟେରା

**ଦୁଇଟି ସ୍ଥାନରୁ ଚୋରି**

ଆଠଗଡ଼,୬।୨(ସମିସ): ଆଜି ଆଠଗଡ଼ରେ ଦୁଇଟି ଜାଗାରେ ଚୋରି ହୋଇଥିବା ଜଣାପଡିଛି । ଆଠଗଡ଼ ହାଉସିଂ ବୋଡର୍ ଅଞ୍ଚଳର ନିର୍ମଳା ସାହୁ (୪୧)ଙ୍କ ଘର ଆଗରେ ଦୁଇ ଜଣ ଯୁବକ ମୋଟରସାଇକଲରେ ଆସି ଜଣେ ଲୋକଙ୍କ ଠିକଣା ପଚାରିଥିଲେ । ସେ କିଛି କହିବା ଆଗରୁ ତାଙ୍କ ବେକରେ ଥିବା ଦୁଇ ଭରି ଓଜନର ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିବା ଜଣାପଡିଛି । ଅନ୍ୟ ପକ୍ଷରେ ଆଠଗଡ଼ ବୀରକିଶୋରପୁର ଖୁଣ୍ଟୁଣୀ ନରସିଂହପୁର ୬୫ନଂ ରାଜ୍ୟ ରାଜପଥ କଡ଼ରେ ଥିବା ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ପୃଷ୍ଟିଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି । ଗତକାଲି ବିଳମ୍ବିତ ରାତିରେ ଘରର ଝରକା ଭାଙ୍ଗି ଦୁଇଟି ସୁନା ଚେନ, ହଳେ କାନଫୁଲ, ହଳେ ରୂପା ପାଉଁଜି ନଗଦ ୭ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଛି । କିଛି ଦିନର ବ୍ୟବଧାନ ପରେ ଆଠଗଡ଼ ଅଞ୍ଚଳରେ ପୁଣି ସୁନା ଚେନ ଲୁଟେରା ଏବଂ ଝରକା ଭାଙ୍ଗି ଲୁଟ୍ କରୁଥିବା ଗ୍ୟାଙ୍ଗ ସକ୍ରିୟ ହୋଇଥିବା ଯୋଗୁଁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ପଞ୍ଚାୟତରେ ଭିତ୍ତିଭୂମି ବିକାଶ ସଚେତନତା

ନିଶ୍ଚିନ୍ତକୋଇଲି,୬।୨(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚନ୍ତକୋଇଲି ବ୍ଲକ ମଣିଜଙ୍ଗ ଓ ଶିର୍ଲୋ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ମଣିଜଙ୍ଗ ପଞ୍ଚାୟତର ସରପଞ୍ଚ ଶାରଦା ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ବାବୁଜଙ୍ଗ ସରପଞ୍ଚ ସ୍ୱାଧୀନ ଭୂୟାଁ, ପୂର୍ବତନ ସରପଞ୍ଚ ସରୋଜ ବେହେରା, ଦିଲ୍ଲୀପ ବିଶ୍ୱାଳ, ସଦରବ୍ଲକ ପ୍ରାକ୍ତନ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ନାଏବ ସରପଞ୍ଚ ସୁଲୋଚନା ସେଠୀ, ପିଇଓ ବିଜୟ ରାଉତ, ଯଦୁନାଥ ନାୟକ, ଗଣେଶ୍ୱର ସାହୁ, ରଞ୍ଜନ ନାୟକ, ନରେଶ ନାୟକ, ଜଗବନ୍ଧୁ ସାହୁ, ସରୋଜ ସାହୁ, ଧୀରେନ୍ଦ୍ର ନାୟକ, ଶରତ ବେହେରା, ଶରତ ସାମଲ, ଲିପ୍ସି ମହାନ୍ତି ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ସଚେତନତ କରାଇବା ସହ 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମର ୧୩ଟି ପ୍ରକଳ୍ପ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରିଥିଲେ । ସେହିପରି ଶିର୍ଲୋ ପଞ୍ଚାୟତରେ ସରପଞ୍ଚ ସିପ୍ରା ଭୋଇଙ୍କ ପୌରୋହିତ୍ୟରେ କଟକ ଜିଲ୍ଲା ସାଧାରଣ ସଂପାଦକ ବିଜୟ ରାଉତଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ବିଜେଡି ସାଧାରଣ ସଂପାଦକ ଅରୁଣ ବୋଷ, ପଞ୍ଚାୟତ ସଭାପତି କୌଶର ଅଲୀ, ନାଏବ ସରପଞ୍ଚ ନରେଶ ରାଉତ, ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ, ବିଶ୍ୱଭୂଷଣ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ଅମିର୍ ଖାଁ, ପିଇଓ ଝିଲୀ ବେହେରା, ଜିଆରଏସ୍ ଅନିରୁଦ୍ଧ ପଲେଇ ପ୍ରମୁଖ ଯୋଗଦେଇଥିଲେ ।

## ବିଶ୍ୱ ଓଡିଆ ଭାଷା ସମ୍ମିଳନୀ

ନିଶ୍ଚିନ୍ତକୋଇଲି,୬।୨(ସମିସ): ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହାବିଦ୍ୟାଳୟ ଓଡିଆ ବିଭାଗ ସଭାଗୃହରେ ସାଉଁଟାଫୁଲ ସାହିତ୍ୟ ପତ୍ରିକା ଓ କଲେଜର ଓଡିଆ ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସାଉଁଟାଫୁଲର ସଂପାଦକ ପରୀକ୍ଷିତ ନାୟକ, କଲେଜ ଅଧକ୍ଷ ପଦାରବିନ୍ଦ ବିଶ୍ୱାଳ, ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡା, ଅଧ୍ୟାପିକା ଡ. କବିତା ଷଡଙ୍ଗୀ, ଅଧ୍ୟାପିକା ତନ୍ମୟୀ ନାୟକ, ଅଧ୍ୟାପିକା ସ୍ୱାତୀ ସୁଚରିତା, ଅଧ୍ୟାପକ ଲୋଲୁପ ମହାରଣା, ଅଧ୍ୟାପକ ସୁଧୀର ଚନ୍ଦ୍ର ଦାସ, ଅଧ୍ୟାପକ ବିଜୟ ପରିଡା ପ୍ରମୁଖ ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁବାଷ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ସୂର୍ଯ୍ୟକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ



ବାଙ୍କୀ,୬।୨(ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ଅଗ୍ରଣୀ ଅନୁଷ୍ଠାନ 'ଅଭୟପାଦ ସାଂସ୍କୃତିକ ଚେତନା ଓ ସାଂସ୍କୃତିକ ଅନୁଷ୍ଠାନ'ର ଆଗାମୀ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ବୈଠକ ଢ଼ଁସର ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଂପାଦକ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବାଙ୍କୀ କଲେଜ ଉପାଧକ୍ଷ ମନୋଜ ମହାପାତ୍ର, ପ୍ରକୃତିବନ୍ଧୁ ଦୀପକ ସାମନ୍ତରା, ନାରୀକବି ସଂକୁନ୍ତଳା ମଲ୍ଲିକ, ସୁରେନ୍ ପୃଷ୍ଟି ଦାସ, ସୁଦର୍ଶନ ଜେନା, ମାୟାଧର ବେହେରା, ବଟକୃଷ୍ଣ ସାହୁ, ଦୁଃଖିଶ୍ୟାମ ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ବାଙ୍କୀ କଲେଜ ଅଧ୍ୟାପକ ସମ୍ବର୍ଦ୍ଧିତ



ବାଙ୍କୀ,୬।୨(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ମୁରଲୀଧର ରଥଙ୍କୁ କେନ୍ଦ୍ରାପଡା ପଞ୍ଚାୟତ ତରଫରୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି । ଡକ୍ଟର ରଥ ଜଣେ ଜଣାଶୁଣା କବି ଭାବେ ସୁପରିଚିତ । ଓଡ଼ିଆ ଭାଷା ସାହିତ୍ୟ ସୃଜନଶୀଳତାର ଉତ୍ସବରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମ୍ୟ କମିଟିର ସଭାପତି ଡ. ରଥଙ୍କୁ ପୁଷ୍ପଗୁଚ୍ଛ, ଫୁଲତୋଡା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ରୋଟାରୀ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ

ଆଠଗଡ଼,୬।୨(ସମିସ): ଭୁବନେଶ୍ୱରର ରୋଟାରୀ କ୍ଲବ ଅଫ ଟେମ୍ପଲ ସିଟି ପକ୍ଷରୁ ୧୫୦ ଜଣ ଗରିବ ଶ୍ରେଣୀର ଲୋକଙ୍କୁ ଆଠଗଡରେ କମ୍ବଳ ବଣ୍ଟନ କରାଯାଇଛି । ଆଠଗଡ଼ର ପ୍ରସ୍ତାବିତ ରୋଟାରୀ କ୍ଲବ ସହଯୋଗରେ ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର, ରୋଟାରିଆନ ଶିବ ପ୍ରସାଦ ରଥ, ରୋଟାରିଆନ ରମେଶ ଚନ୍ଦ୍ର ମହାନ୍ତି, ରୋଟାରିଆନ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଆଠଗଡ଼ର ପ୍ରସ୍ତାବିତ ରୋଟାରୀ କ୍ଲବର ସଦସ୍ୟ ଡାକ୍ତର ଭୁବନାନନ୍ଦ ଦାସ, ସୁରେଶ ସାହୁ, ଅଶୋକ ପଟ୍ଟନାୟକ, ବେଣୁଧର ଜେନା, ଅଶୋକ ଦାସ, ଲକ୍ଷ୍ମୀ ନାରାୟଣ ଭଞ୍ଜ, ଦିଲ୍ଲୀପ ସାହୁ, ଡାକ୍ତର ରମେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ନିଶ୍ଚିନ୍ତକୋଇଲି,୬।୨(ସମିସ): ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସାଲେପୁର ଜୋନ୍ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାମାନେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସଂଘର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକ ଶ୍ରୀ ଜେନା ଆଲୋଚନା ମଧ୍ୟ କରିଛନ୍ତି । ଏହି ଦାବିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରିବା, ଅତିରିକ୍ତ ପେନସନ୍‌ରେ ୮୦ ବର୍ଷ ପରିବର୍ତ୍ତେ ୬୫, ୭୦ ଓ ୭୫ ବର୍ଷରେ କିସ୍ତି ଅନୁସାରେ ପ୍ରଦାନ କରିବା ଆଦି ମୁଖ୍ୟ ଦାବିକୁ ଗୁରୁତର ସହ ବିଚାର କରିବା ପାଇଁ ଅନୁରୋଧ କରିଥିଲେ । ଏହାଛଡା ଉକ୍ତ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ଦାବିପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଛି । ସଂଘର ସଭାପତି ବସନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରସନ୍ନ ଦାସ, ସୁନୀଲ ସ୍ୱାଇଁ, ଗୋଲଖ ଚନ୍ଦ୍ର ବାରିକ, ବିଚିତ୍ରାନନ୍ଦ ବେହେରା, ସୁବଳ ଚନ୍ଦ୍ର ରାଉତ ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ ।



## ଘନଶ୍ୟାମ ପୃଷ୍ଟିଙ୍କ ସ୍ମୃତିଚାରଣ ସଭା



ମାହାଙ୍ଗା,୬।୨(ସମିସ): ମାହାଙ୍ଗା ବ୍ଲକର ଗୋପାଳପୁର ପଞ୍ଚାୟତର ଗୋପାଳପୁର ଠାରେ ପଲ୍ଲୀ ସାଂସ୍କୃତିକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଘନଶ୍ୟାମ ପୃଷ୍ଟିଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଶଶଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା ପ୍ରାରମ୍ଭିକ ସୂଚନା ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ଶଶୀଭୂଷଣ ଷଡଙ୍ଗୀ, କୁରୁଜଙ୍ଗା ପଞ୍ଚାୟତର ସରପଞ୍ଚ କମଳାକାନ୍ତ ଦାଶ, ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ମହାନ୍ତି, ସମାଜସେବୀ କଲ୍ଲୋଳ ଚନ୍ଦ୍ର ମହାନ୍ତି, ଗୋପାଳପୁର ସେବା ସମବାୟ ସମିତିର ସଭାପତି ବିବେକାନନ୍ଦ ପାଣି, ବିଚିତ୍ରାନନ୍ଦ ବିଶ୍ୱାଳ, ସୁରେନ୍ଦ୍ରନାଥ ମହାନ୍ତି, ବୈଷ୍ଣବ ଦାସ, ପ୍ରହ୍ଲାଦ ଜେନା, ଚନ୍ଦ୍ରମଣୀ ପ୍ରଧାନ, ବିଜନବାଳା ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ସଂଗୀତ ଶିକ୍ଷକ ଦିବାକର ପାଣ୍ଡେ, ମହେଶ୍ୱର ବଳ, ସଂଗୀତ ବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ ବଳରାମ ଜେନା, ସରପଞ୍ଚଙ୍କ ପ୍ରତିନିଧି ନରହରି ସେଠୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜୟପ୍ରକାଶ ନାରାୟଣ ସାହୁ, ମନୋଜ ସେଠୀ, କ୍ଷୀରୋଦ ବରାଳ, ରତ୍ନାକର ସାମଲ ପ୍ରମୁଖ ସହଯୋଗ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନସାଧାରଣ ସହଯୋଗ କରିଥିଲେ ।

# ସାଲେପୁର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସାଲେପୁର,୬ ।୨(ସମିସ)



ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ସଭାର ପ୍ରାରମ୍ଭ ଅଧିବେଶନରେ ଅବସରପ୍ରାପ୍ତ ସହଶିକ୍ଷାଧିକାରୀ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଅରବିନ୍ଦ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରେମଲତା ନାୟକ, ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଭାରପ୍ରାପ୍ତ ଅଧକ୍ଷ ମନସ୍ୱିନୀ ବିଶୋଇ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକ ପ୍ରକାଶ ଜେନା, ସମ୍ମାନିତ ଅତିଥି ଭାବେ ବଡ଼ମ୍ବାର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା, ଢ଼େଙ୍କାନାଳର ଶିକ୍ଷକ ନେତା ଗୋକୁଳାନନ୍ଦ ପ୍ରଧାନ, ଓଡ଼ପଡ଼ା ବ୍ଲକ୍‌ର ପ୍ରାଥମିକ ଫେଡେରେସନ୍‌ର ସଂପାଦକ ଦିବ୍ୟସ୍ମୃତି ଭଞ୍ଜ, ଓରେଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିଜୟ ଶତପଥୀ, ନିଗମାନନ୍ଦ କର, ଚିତ୍ତରଞ୍ଜନ ଶତପଥୀ, ତପନ ଦାଶ, ଭାବଗ୍ରାହୀ ଦାଶ, ଜନାର୍ଦ୍ଦନ ଦାଶ, ପ୍ରଦୀପ ରାଉତ ଯୋଗଦେଇଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ବିଶିଷ୍ଟ ଅତିଥିଭାବେ ଟାଙ୍ଗୀର ଶିକ୍ଷକ ନେତା ଧିରେନ୍ଦ୍ର ନାଥ ଜେଠୀ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସରୋଜିନୀ ସାହୁ, ସମ୍ମାନିତ ଅତିଥିଭାବେ ସହଶିକ୍ଷାଧିକାରୀ ଅଶୋକ ପତି, ବିଳାସିନୀ ବାହିନୀପତି, ସରସ୍ୱତୀ ପ୍ରଧାନ ଯୋଗଦେଇ ଶ୍ରୀ ଶତପଥୀଙ୍କର ବ୍ଲକ୍‌ର ଶିକ୍ଷା ଜଗତ ପାଇଁ ଦାନ ବିଷୟରେ ଆଲୋକପାତ କରିଥିଲେ । ଉତ୍ସବରେ ପ୍ରାଥମିକ ଶିକ୍ଷକ ଫେଡେରେସନ୍, ପ୍ରାଥମିକ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ଗଣଶିକ୍ଷକ ସଂଘ, ପ୍ରତ୍ୟେକ ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ବେସରକାରୀ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ବିରାଟ ପଟୁଆରରେ ତୁଳସୀଦାସ ମଧ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଘୋଷବାଦକ ଦଳ, ରମାକାନ୍ତ ମିଶ୍ରଙ୍କ ନେତୃତ୍ୱରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାଲେପୁର ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା । ମଣ୍ଡଳର ସମସ୍ତ ସିଆରସିସି, ସହ ଶିକ୍ଷାଧିକାରୀ ଓ ଅତିଥି ବର୍ଗ ଏବଂ ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଶ୍ରୀ ଶତପଥୀଙ୍କୁ ସଭାମଞ୍ଚକୁ ପାଛୋଟି ନେଇଥିଲେ । ସଭାରେ ଶିକ୍ଷକ ସଂଘ ନେତା ଜାକି ଅମିନ୍, ଅନ୍ତର୍ଯ୍ୟାମୀ ଭୋଳ, ସେକ୍ ଅବୁ ତାହେର, ସଦାଶିବ ନାୟକ, ରମାକାନ୍ତ ମିଶ୍ର ବକ୍ତବ୍ୟ ରଖିଥିଲେ । ସହ-ଶିକ୍ଷାଧିକାରୀ ସରସ୍ୱତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଙ୍କୀ, ୬।୨(ସମିସ): ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଧଳାପଥର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୁନନ୍ଦ କୁମାର ଛାଟୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ରବିନାରାୟଣ ମଙ୍ଗରାଜ ଓ ସମ୍ମାନୀତ ଅତିଥି ଭାବେ ବାଙ୍କୀର ସହକାରୀ ତହସିଲଦାର ସୋନମ୍ ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଅଧ୍ୟାପିକା ତୃପ୍ତି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁକେଶ ସାହୁ, ଅଧ୍ୟାପିକା ମୌସମୀ ପଟେଲ୍ ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ଧ୍ରୁବଚରଣ ମହାପାତ୍ର ଓ ପ୍ରାଣକୃଷ୍ଣ ମହାରଣାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କବି ଗୋକୁଳାନନ୍ଦ ପ୍ରହରାଜଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ, ୬।୨(ସମିସ): ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ବାଙ୍କୀର ଶାଶ୍ୱତକବି, ବାଣୀ ଗୌରବ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ସ୍ୱର୍ଗତ ଗୋକୁଳାନନ୍ଦ ପ୍ରହରାଜଙ୍କୁ ତାଙ୍କ ନିଜ ଗ୍ରାମରେ ଶ୍ରଦ୍ଧାଞ୍ଜଳି ସହ ଭାଗବତ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରହରାଜ ଜଣେ ମାନବବାଦୀ ଓ ରୀତିଯୁଗୀୟ କବି ଭାବେ ସାରା ଓଡ଼ିଶାରେ ସ୍ୱପରିଚିତ। ବାଙ୍କୀ ସାଂସ୍କୃତିକ ସମାଜ ଓ ଚିନ୍ତା ଚେତନା ଅନୁଷ୍ଠାନ ଆନୁକୂଲ୍ୟରେ କବିଙ୍କ ପ୍ରତିମୂର୍ତ୍ତିରେ ଆଜି ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୀବନାନନ୍ଦ ପ୍ରହରାଜ, କମଳାକାନ୍ତ ପ୍ରହରାଜ, ସ୍ଥାନୀୟ ସରପଞ୍ଚ, ଅନୁଷ୍ଠାନର ସମ୍ପାଦକ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରକୃତି ବନ୍ଧୁ ଦୀପକ ସାମନ୍ତରା, କବି ଦିଗ୍‌ବିଜୟ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ପ୍ରହରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସ୍କୁଲରେ ଆର୍ଦ୍ରଭୂମି ସଂରକ୍ଷଣ ଦିବସ

ନିଶ୍ଚିନ୍ତକୋଇଲି, ୬।୨ (ସମିସ): ବାଲିଆପଦାସ୍ଥିତ ଉର୍ମିଳା ଉପ୍ରା (ମଇ) ବିଦ୍ୟାଳୟରେ ଆଦ୍ରଭୂମି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରକୃତିବନ୍ଧୁ ପ୍ରଧାନଶିକ୍ଷକ ଅଭୟ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାରସ୍ୱତ ସାଧକ ସଚ୍ଚିଦାନନ୍ଦ ମିଶ୍ର, ମୁଖ୍ୟବକ୍ତାଭାବେ ଗ୍ରୀନ ଭିଜନ ଅଧ୍ୟକ୍ଷ ପରିବେଶବିତ ବଳରାମ ପାତ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁନାକର ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ଶରତ ଜେନା, ଶିକ୍ଷାବିତ ବୃନ୍ଦାବନ ସ୍ୱାଇଁ, ପ୍ରଧାନଶିକ୍ଷକ ଜୟରାମ ସେଠୀ, ମମିତା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମା କରି ମାନବ ଶୃଙ୍ଖଳାରେ ବାହାରି ବ୍ୟାପକ ଜନସଚେତନତା ସୃଷ୍ଟି କରିଥିଲେ।

## ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

ବାଙ୍କୀ, ୬।୨(ସମିସ): ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ବିଦ୍ୟାପୀଠ ପରିସରରେ ପଲ୍ଲିଶ୍ରୀ ଓ ଇକୋ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଆଦ୍ରଭୂମି ଦିବସ ପାଳନ ସହିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସେଫାଳିକା ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶତୃଘ୍ନ ମହାପାତ୍ର, ଶିକ୍ଷକ ଗଜେନ୍ଦ୍ର ସାହୁ, ରଣସିଂହ ନାୟକ, ମନୋଜ ସାହୁ, ପ୍ରିତିମିତା ବେଉରା, ମନୋଜ ବେହେରା, ଇତିଶ୍ରୀ ଦାସ, ସତ୍ୟଜିତ୍ ଜେନା, ରଶ୍ମିରଞ୍ଜନ ନାୟକ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବିଜେପି ପକ୍ଷରୁ ଦାବିପତ୍ର ପ୍ରଦାନ

ତିଗିରିଆ, ୬।୨ (ସମିସ): ତିଗିରିଆ ତଥା ଅନ୍ୟ ବ୍ଲକମାନଙ୍କରେ ଧାନକିଣା କାରବାରରେ ବ୍ୟାପକ ଅବ୍ୟବସ୍ଥା ସହ କଟନୀ ଛଟନୀ ବାବଦରେ ସିବିଆଇ ତଦନ୍ତ ଦାବି କରି ସୋମବାର ତିଗିରିଆ ବ୍ଲକ ବିଜେପି ଦଳ ପକ୍ଷରୁ ତିଗିରିଆ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ବିଜେପି କୃଷକ ମୋର୍ଚ୍ଚା କଟକ ଜିଲ୍ଲା ସଭାପତି ଶଙ୍କର୍ଷଣ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ ରଞ୍ଜନ ଦାସ, ରାଜ୍ୟ ସଂଯୋଜକ ସତ୍ୟଜିତ୍ ମଲ୍ଲିକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୋମନାଥ ବେହେରା, ମାନସ ଦଳେଇ, ପ୍ରଦୀପ ଜେନା, ନରେନ୍ଦ୍ର ନାୟକ, ଡମ୍ବରୁଧର ସେଠ, ମିନକେତନ ଗୋଛି, ସୌମ୍ୟରଞ୍ଜନ ରାଉତ, ଦିଲ୍ଲୀପ ସେଠୀ, ସନ୍ତୋଷ ନାଏକ ପ୍ରମୁଖ ଏକ ଶୋଭାଯାତ୍ରାରେ ମା ପନ୍ଥାଦେବୀଙ୍କ ପୀଠରୁ ବାହାରି ତିଗିରିଆ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ତିଗିରିଆ ତହସିଲ କାର୍ଯ୍ୟାଳୟର ରେକର୍ଡ କିପର ସୁପ୍ରଭା ବେହେରାଙ୍କୁ ପ୍ରଦାନ କରାଯାଇଛି।

### ଠାକୁର ଜମି ହଡ଼ପ ମାମଲା

# ସ୍ଥିତାବସ୍ଥା ଜାରିକଲେ ନିମ୍ନ ଅଦାଲତ

ଚୌଦ୍ୱାର, ୬।୨(ସମିସ):

ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଠାକୁର ବିଜେସ୍ଥଳୀର ଜମିରେ ସ୍ଥିତାବସ୍ଥା ଜାରି କରିଛନ୍ତି ନିମ୍ନ ଅଦାଲତ। ହଡପ କରିବା ସହ ଜମିକୁ ଭଦ୍ରକର ପ୍ରୀତମ ରାଉତ ନାମକ ବ୍ୟକ୍ତି ନିଜ ଅକ୍ତିଆରକୁ ନେବା ଘଟଣାରେ ଗ୍ରାମବାସୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଜମି ସଂକ୍ରାନ୍ତରେ ଅଦାଲତରେ ଚାଲିଥିବା ମାମଲା ଚୂଡ଼ାନ୍ତ ନ ହେବା ପର୍ଯ୍ୟନ୍ତ ଜମିରେ ଥିବା ଗଛ ଓ ମାଟିକୁ ନଷ୍ଟ ନ କରିବା ଓ ଜମି ମଧ୍ୟକୁ କୌଣସି ପକ୍ଷ ପ୍ରବେଶ ନ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀଙ୍କ ତରଫରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କୟଳପଡ଼ା ମୌଜାରେ ଲକ୍ଷ୍ମୀନାରାୟଣ ଠାକୁରଙ୍କ ନାମରେ ରହିଥିବା ୯.୮୪ ଏକର ଜମିକୁ ଚକ୍ରାନ୍ତ କରି ସ୍ଥାନୀୟ କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ତା' ମଧ୍ୟରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଏହା ବିରୋଧରେ ଗ୍ରାମବାସୀମାନେ ଦେବୋତ୍ତର କମିଶନର, ତହସିଲଦାର, ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗ୍ରାମବାସୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମତେ ଠାକୁରଙ୍କ ନୀତିକାନ୍ତି ପାଇଁ ତତ୍କାଳୀନ ଜମିଦାର ୧୯୩୧ ମସିହାରେ ଖାତା ନଂ ୬୦ରେ ଥିବା ୯ ଏକର ୮୪ ଡିସିମିଲ ଜମିକୁ ଠାକୁରଙ୍କୁ ଦାନ କରିବା ସହିତ ମାର୍ଫତଦାର ଭାବେ ପଦ୍ମଚରଣ ଦାସ ଓ ସର୍ବେଶ୍ୱର ଦାସଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଉକ୍ତ ଜମିକୁ ଗ୍ରାମର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରିବା ସହିତ ଗାଈଗୋରୁ ଚରାଉଥିଲେ। ହେଲେ ଜୈନେକ ବ୍ୟକ୍ତି କିଛି ମାସ ତଳେ ଜମିକୁ ଜବରଦଖଲ କରିବା ସହିତ ତହସିଲ କାର୍ଯ୍ୟାଳୟରେ ଅସାଧୁ କର୍ମଚାରୀଙ୍କ ସହାୟତାରେ ଦାଖଲ ଖାରଜ କେସ ନଂ ୨୧୭୬/୨୦୨୧ରେ ସମସ୍ତଙ୍କ ମାଲିକାନା ସତ୍ୱ କାଟି ଜମିର ମାଲିକାନା ସ୍ୱର୍ଗତ ବାମନ ଚରଣ ଦାସ ଓ ତାଙ୍କ ପୁଅ ଜ୍ୟୋତି ଦାସଙ୍କ ନାମରେ କରାଇ ନେଇଥିବା ଗ୍ରାମବାସୀମାନେ ଜାଣିବାକୁ ପାଇଥିଲେ। ପରେ ଉକ୍ତ ଜମିକୁ ଅନ୍ୟ ଜଣକୁ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ନିମ୍ନ ଅଦାଲତଙ୍କ ସ୍ଥିତାବସ୍ଥା ଜାରି ସତ୍ତ୍ୱେ ଅଦାଲତଙ୍କୁ ଅମାନ୍ୟ କରି ଜମିରେ ଅବୈଧ କାର୍ଯ୍ୟ ଚାଲିଛି ବୋଲି ଗ୍ରାମର ନବ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସେଠୀ, ସୁରେନ୍ଦ୍ର ରାଉଳ, ରବୀନ୍ଦ୍ର ପୃଷ୍ଟି, ଗୋପିନାଥ ପ୍ରଧାନଙ୍କ ସହ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ପ୍ରଧାନ, ଆଞ୍ଚଳିକ ବିକାଶ ପରିଷଦର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ସଭାପତି ରଶ୍ମି ରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରକାଶ ମଲ୍ଲିକ, ମହେଶ୍ୱର ସାହୁ, ହରିହର ପାତ୍ର ପ୍ରମୁଖ ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

## ବାଳକୃଷ୍ଣ ବିଦ୍ୟାନିକେତନକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ନିଶ୍ଚିନ୍ତକୋଇଲି, ୬।୨(ସମିସ): ଜିଗ୍ନିପୁର ପଞ୍ଚାୟତସ୍ଥିତ ସରକାରୀ ବାଳକୃଷ୍ଣ ବିଦ୍ୟାନିକେତନର ପୁରାତନ ଛାତ୍ର ସଂସଦ (ଆଲୁମନି କମିଟି)କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସ୍କୁଲ ଆଲୁମନି କମିଟିର ସଭାପତି ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସେନାପତିଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ପ୍ରଭାକର ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟଅତିଥିଭାବେ ବଳଦେବଜୀଉ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତାଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଦୀପକ ପରିଡ଼ା, ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସନ୍ତୋଷ ପ୍ରଧାନ, ସଭ୍ୟ ମନୋଜ ଘଡେଇ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଜେନା, ସବିତା ମିଶ୍ର, ରବିନାରାୟଣ ମିଶ୍ର, ନିରଞ୍ଜନ ପୃଷ୍ଟି, ପାର୍ଥସାରଥୀ ମହାନ୍ତି, ରବିନାରାୟଣ ସାହୁ, ତପସ୍ୱିନୀ ସେଠୀ, ରାଜଗୋପାଳ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟିର ସମସ୍ତ ସଭ୍ୟ, ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ ଓ ଛାତ୍ରଛାତ୍ରୀ ଶ୍ରୀ ରାଉତଙ୍କୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୈଠକ



କିଶନନଗର, ୬।୨(ସମିସ): କଟକ ସଦର ଅଗ୍ରଣୀ ସାମାଜିକ ସଂଗଠନ କିଶନନଗର ଶିଶୁ ମଙ୍ଗଳ କ୍ଲବ ଓ ବାର୍ଷିକ ଶିଶୁ ସାହିତ୍ୟ ପତ୍ରିକା କୁନି ପ୍ରତିଭା ଆନୁକୂଲ୍ୟରେ କିଶନନଗରସ୍ଥିତ ରାଜକୃଷ୍ଣ ଶିଶୁ ନିକେତନ ପରିସରରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଧରଣୀଧର ଜେନା, କବି କାଳିପ୍ରସାଦ ମହାପାତ୍ର, ସମାଜସେବୀ ନାରାୟଣ ଚନ୍ଦ୍ର ସିହ୍ନା, ସମାଜସେବୀ ସୀତାରାମ ପଣ୍ଡା, ବରିଷ୍ଠ ସାମ୍ବାଦିକ ସୈୟଦ ସାଜିଦ ଅଲ୍ଲୀ, ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଜେନା, ଶିଶୁ ମଙ୍ଗଳ କ୍ଲବ ସମ୍ପାଦକ ସୌମ୍ୟରଞ୍ଜନ ପୃଷ୍ଟି, ଜମୁନା ମୁର୍ମୁ, ଶ୍ୱେତା ଅର୍ପିତା ସାମଲ, ଆଶିଷ ରାଉତ, ରବିତା ବେହେରା, ପୂଜାରାଣୀ ଦାସ, ସସ୍ମିତା ସୋରେନ, ଶୁଭଲକ୍ଷ୍ମୀ ବେହେରା, ପ୍ରସନ୍ନ ରାଉତରାୟ ଯୋଗଦେଇଥିଲେ।

## ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା କାର୍ଯ୍ୟକ୍ରମ



ବାଙ୍କୀ, ୬।୨ (ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନରେନ୍ଦ୍ର ରାଉତ ଯୋଗଦାନ କରି ଓଡ଼ିଆ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଗୌରାଙ୍ଗ ଚରଣ ରାଉତ ଯୋଗଦାନ କରିଥିଲେ। ଶିକ୍ଷକ ଗୋଲକ ବିହାରୀ ପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ମୁଦୁଲି, ମୀନତି ପଢ଼ିହାରୀ ଓ ବିରେନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ଅକ୍ଷୟ ରାଉତ ଧନ୍ୟବାଦ ଦେଇଥିଲେ।

## ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ



ନିଶ୍ଚିନ୍ତକୋଇଲି, ୬।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪୮ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ମୁଖ୍ୟବକ୍ତାଭାବେ ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବିଇଓ ଲକ୍ଷ୍ମଣ ଲେଙ୍କା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ସ୍କୁଲର ପ୍ରତିଷ୍ଠାତା ସଭ୍ୟ ମକର ମହାନ୍ତି, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ସରପଞ୍ଚ ଭାରତୀ ସ୍ୱାଇଁ, ସମିତିସଭ୍ୟ ନର୍ମଦା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ ରମେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ କଳ୍ପନା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଆକାଂକ୍ଷା ଭୂୟାଁ ଜୁନିୟର ରେଡକ୍ରସ ଜିଲ୍ଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ୱତନ୍ତ୍ର ପୁରସ୍କାର ପାଇଥିବା ବେଳେ ବର୍ଷା ପ୍ରିୟଦର୍ଶିନୀ ଦାସ ଓ ପ୍ରତାପ ଚନ୍ଦ୍ର ରାଉତ ସ୍କୁଲ ଚାମ୍ପିୟନ ପୁରସ୍କାର ପାଇଥିଲେ। ସଭ୍ୟ ଶରତ ଚନ୍ଦ୍ର ନାୟକ, ଭୂବନାନନ୍ଦ ନାୟକ, ଗୋପିନାଥ ରାଉତ, ରଶ୍ମିରେଖା ଦାଶ, ଚିତ୍ତରଞ୍ଜନ ଦଳାଇ, ସୋନୁରାଣୀ ସାହୁ, ରୋମାଲିନ ନାୟକ, ମଧୁସ୍ମିତା ନାୟକ, ତନୁଶ୍ରୀ ନାୟକ, ନିରଞ୍ଜନ ପୃଷ୍ଟି, ଚିତ୍ତରଞ୍ଜନ ପ୍ରଧାନ, ରାମଚନ୍ଦ୍ର ବେହେରା, ଅନିଲ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ମନୋଜ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ପ୍ରସ୍ତୁତି ବୈଠକ

ଫୁଲନଖରା, ୬।୨ (ସମିସ): କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆମଣ ଗ୍ରାମରେ ପଞ୍ଚାୟତସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମଣ ଗ୍ରାମପଞ୍ଚାୟତର କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଯୋଗଦେଇଥିଲେ। ଆସନ୍ତା ୮ ତାରିଖରେ ପଞ୍ଚାୟତସ୍ତରୀୟ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବତନ ସରପଞ୍ଚ ପୁନାନନ୍ଦ ଭୋଇ, କଟକ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନିହାର ରଞ୍ଜନ ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଶ୍ୟାମସୁନ୍ଦର ଖଟୁଆ, ମହମ୍ମଦ କରିମ୍, ବିଷ୍ଣୁ ଚରଣ ଭୋଇ, ଅନାଦି ସାମଲ, ତ୍ରିଲୋଚନ ଭୋଇ, ଗିରିଶ ସାମନ୍ତରାୟ, ଆଦିତ୍ୟ ସାହୁ, ବ୍ରହ୍ମାନନ୍ଦ ସାହୁ, ବିଜୟ ବେହେରା ଓ ରଷି କାଣ୍ଡି ପ୍ରମୁଖଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମାଗଣା ବିଶାଳ ସ୍ୱାସ୍ଥ୍ୟ ଶିବିର



ଟାଙ୍ଗୀ, ୬।୨ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟ କଟକ ଓ ବିଦ୍ୟାଳୟର ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ମାଗଣା ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦକ ମନୋଜ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଚିକିତ୍ସକ ଡ. ଉମେଶ ରାୟ, ଡ. ପ୍ରଣବ ସାହୁ, ଡ. ଅମରେଶ ମହାପାତ୍ର, ଡ. ମାନସୀ ମହାପାତ୍ର, ଡ. ଶୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରାମର୍ଶ ଓ ଔଷଧ ବଣ୍ଟନ କରିଥିଲେ। ଏଥିରେ ରକ୍ତ ପରୀକ୍ଷା, ଚକ୍ଷୁ ପରୀକ୍ଷା, ହୋମିଓପାଥି, ଅକ୍ୟୁପ୍ରେସର, ଫିଜିଓଥେରାପି ଓ ଆୟୁର୍ବେଦିକ୍ ମାଗଣା ଚିକିତ୍ସା କରାଯିବା ସହ ଅସହାୟଙ୍କୁ ପୋଷାକ ଓ କମ୍ବଳ ବଣ୍ଟନ କରାଯାଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଟାଙ୍ଗୀ ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ ସାମଲ, ରମେଶ ସିଂ, ତାପସ ମଲ୍ଲିକ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ସ୍ୱାସ୍ଥ୍ୟ ସୁପରଭାଇଜର ବିଜୟ ସାହୁ ଓ ସମାଜସେବୀ ବିନୋଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବୁଦ୍ଧେଶ୍ୱର ମନ୍ଦିରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବାଙ୍କୀ, ୬।୨(ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥ ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ମୁକୁନ୍ଦାନନ୍ଦଜୀ ଯୋଗଦାନ କରି ଆଧ୍ୟାତ୍ମିକତା ବିନା ପ୍ରଗତି ଅସମ୍ଭବ ଓଡ଼ିଶା ତଥା ଭାରତର ଯାହାବି ପ୍ରଗତି ହୋଇଛି ତାହା ଆଧ୍ୟାତ୍ମିକ ବଳରେ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦାନ କରି ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ନରାଜ ବ୍ୟାରେଜ ଛକରେ ସିସି କ୍ୟାମେରା ଲଗାଇବାକୁ ଦାବି



ବାରଙ୍ଗ, ୬।୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ବ୍ୟାରେଜ ଗୋଲେଇ ଛକଟି ବିଶେଷ ଭାବରେ ଗୁରୁତ୍ୱ ବହନ କରେ। ଏହି ରାସ୍ତାଟି ଫାଙ୍କା ରାସ୍ତା ହୋଇଥିବାରୁ ଅନେକ ସମୟରେ ଡକାୟତି, ରାହାଜାନୀ ଭଳି ଘଟଣା ଘଟୁଥିବା ନଜିରରେ ଅଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୁର୍ବୃତ୍ତମାନେ ଘଟଣା ଘଟାଇ ନରାଜ ଗୋଲେଇ ଛକ ଦେଇ କଟକ ସିଡିଏ ରାସ୍ତାରରେ ନୂଆପାଟଣା ବ୍ରିଜକୁ ଖସି ପଳାନ୍ତି। ଅନ୍ୟ ପକ୍ଷରେ ଚନ୍ଦକା ଜଙ୍ଗଲ ଏବଂ ମୁଣ୍ଡଳୀ ବ୍ରିଜ ଦେଇ ଦୁର୍ବୃତ୍ତମାନେ ବିଭିନ୍ନ ଅଞ୍ଚଳକୁ ଖୁବ ସହଜରେ ଏହି ରାସ୍ତା ଦେଇ ଖସି ପଳାଇଥିବା ନଜିରରେ ଅଛି। ବାରଙ୍ଗ ମୁଖ୍ୟ ରାସ୍ତାଟି ଜନଗହଳି ହୋଇଥିବାରୁ ଦୁର୍ବୃତ୍ତମାନେ ଘଟଣା ଘଟାଇ ଖସି ଯିବାପାଇଁ ଏହି ରାସ୍ତାଟିକୁ ବାଛିଥାନ୍ତି। ପ୍ରାୟ ସନ୍ଧ୍ୟା ସମୟରେ କଟକ ଭୁବନେଶ୍ୱର ଆଦି ଅଞ୍ଚଳରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ନରାଜ ଏବଂ ଏହାର ପାଖରେ ଥିବା ପାହାଡ ଉପରକୁ ମଧ୍ୟ ଅନେକ ଲୋକ ଆସିଥାନ୍ତି। ଏହାର ସୁଯୋଗନେଇ ଦୁର୍ବୃତ୍ତମାନେ ସେମାନଙ୍କଠୁ ଲୁଟତରାଜ କରନ୍ତି ଏବଂ ଏହି ନରାଜ ବ୍ୟାରେଜ ଗୋଲେଇ ଛକ ଦେଇ ବିଭିନ୍ନ ଅଞ୍ଚଳକୁ ଖସିଯିବାରେ ସଫଳ ହୁଅନ୍ତି। ଏଣୁ ବ୍ୟାରେଜ ଗୋଲେଇ ଛକରେ ସିସି କ୍ୟାମେରା ସଂଯୋଗ କରାଗଲେ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ପ୍ରଶାସନ ସଫଳ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଜିଲ୍ଲା ଏବଂ ପୁଲିସ ପ୍ରଶାସନ ଏଠି ପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ

# ଟାଙ୍ଗୀ ରଘୁନାଥଜିଉ କ୍ଲବ୍ ବିଜୟୀ



ବାଙ୍କୀ, ୬।୨(ସମିସ):

ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆ ଠାରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ଖେଳ ଟାଙ୍ଗୀ ରଘୁନାଥ ଜୀଉ ଫୁଟବଲ୍ କ୍ଲବ ସହିତ ଚୌଦ୍ୱାର ଫୁଟବଲ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଟାଙ୍ଗୀ ରଘୁନାଥ ଜୀଉ ଫୁଟବଲ୍ କ୍ଲବ ୫-୦ରେ ବିଜୟୀ ହୋଇଥିଲା। ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୟ କୁମାର ପାତ୍ର ଓ ଖବରଦାତା ଅରବିନ୍ଦ ବୀରବର ହରିଚନ୍ଦନ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସେକ୍ ଖାୟାତ୍, ତପନ ନାୟକ ଓ ବାଦଲ ନାୟକ ପରିଚାଳନା କରିଥିଲେ। ଆସନ୍ତାକାଲି ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ସହିତ ଖଣ୍ଡପଡ଼ା ଫୁଟବଲ୍ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସାଧାରଣ ସମ୍ପାଦକ ସନ୍ତୋଷ ରଣା ସୂଚନା ଦେଇଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



କଟକ, ୬।୨(ସମିସ): କନ୍ଦରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରର ମୁଖ୍ୟ ସଂଯୋଜିକା ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ପ୍ରଣତି ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ. ସ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୧ ସପ୍ତାହ ଧରି ଚାଲିଥିବା ଏହି ଶିବିରଟି ଗତ ମାସ ୨୯ ତାରିଖରେ ଆରମ୍ଭ ହୋଇ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଟ୍ରେନର ଭାବେ ସୂର୍ଯ୍ୟକାନ୍ତୀ ବିଶ୍ୱାଳ ଓ ସନ୍ଧ୍ୟାରାଣୀ ଦାସ ଯୋଗଦେଇ ୧୧୦ ଜଣ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ସଭାରେ ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକଙ୍କ ଦ୍ୱାରା ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଉକ୍ତ ସଭାକୁ ସହ ସଂଯୋଜକ ପ୍ରଦୀପ୍ତ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସିଦ୍ଧାନ୍ତ ଶେଖର ବିଷୋୟୀ, ଅଧ୍ୟାପକ ପ୍ରଦୀପ ଗୋଚ୍ଛାୟତ, ବରିଷ୍ଠ କିରାଣୀ ବାବାଜୀ ଚରଣ ବିଶ୍ୱାଳ, କର୍ମଚାରୀ ଜିତେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ବୈଦ୍ୟନାଥ ପଣ୍ଡା, ସଂଗ୍ରାମ ବେହେରା, ବିଜୟ ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

